## ଅଲ୍ଲାଃ ତାଲାଙ୍କ ବାଣୀ

وَالَّذِيۡنَ عَمِلُوا السَّيِّاٰتِ ثُمَّ تَابُوۡا مِنۡۢ بَعۡدِهَا وَاٰمَنُوۡۤا ۡ اِنَّ رَبَّكَ مِنۡۢ بَعۡدِهَا لَغَفُوۡرٌ رَّحِيۡمٌ ○

(اعراف:154)

ଅନୁବାଦ- ଏବଂ ଯେଉଁମାନେ କୁକାର୍ଯ୍ୟ କରନ୍ତି,ପୁଣି (ତାହାକୁ ପରିତ୍ୟାଗ କରି)ଅଲ୍ଲାଃଙ୍କ ନିକଟକୁ ଫେରି ଆସନ୍ତି ଓ ତାହାଙ୍କ ଉପରେ ବିଶ୍ୱାସ କରନ୍ତି,ଏହାପରେ ନିଶ୍ଚୟ ତୁମ୍ଭର ପାଳନକର୍ତା ସେମାନଙ୍କ ପ୍ରତି ଅତ୍ୟନ୍ତ କ୍ଷମାଶୀଳ(ଓ) ସଦା କରୁଣାମୟ ହେବେ ।

*(ସୁରଃ ଅଲ ଆରାଫ୍:୧୫୪)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା 33-36

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18ଅଗଷ୍ଟ 2022- 8ସେପ୍ଟେମ୍ବର୍ 2022 18ଜହୁର୍ 1401-8ତବୁକ୍ 1401 ହି.ଶ 19ମୁହର୍ରମ୍ 1444-12ସଫର୍ 1444 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

ପବିତ୍ର କୁରଆନ୍‌କୁ ସୁନ୍ଦର ଶୈଳୀରେ ତଥା ସୁନ୍ଦର ସ୍ୱରରେ ପଢ଼ିବା ମଧ୍ୟ ବହୁତ ଭଲ କଥା । କିନ୍ତୁ ପବିତ୍ର କୁରଆନ୍‌କୁ ତିଲାଓ୍ୱତ୍ (ଆବୃତି)କରିବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ତାହାର ପ୍ରକୃତ ତଥ୍ୟ ଓ ଶିକ୍ଷା ବିଷୟରେ ସୂଚନା ପ୍ରାପ୍ତ କରି ମଣିଷ ତା ସାହାଯ୍ୟରେ ନିଜ ମଧ୍ୟରେ ଏକ ପରିବର୍ତନ ସୃଷ୍ଟି କରୁ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ପବିତ୍ର କୁରଆନ୍‌ର ଅସଲ ଉଦ୍ଦେଶ୍ୟ ତଥା ମୂଳ ଲକ୍ଷ୍ୟ ହେଉଛି ଏହା କି ଏ ସଂସାରବାସୀଙ୍କୁ ତକଓ୍ୱା (ଧର୍ମପରାୟଣତା)ର ଶିକ୍ଷା ଦେବା, ଯାହା ଜରିଆରେ ସେମାନେ ହିଦାୟତ୍ (ସତ୍‌ପଥ)ର ଉଦ୍ଦେଶ୍ୟ/ଲକ୍ଷ କୁ ପ୍ରାପ୍ତ କରିପାରିବେ । ଦେଖନ୍ତୁ ଏହି ଆୟତରେ ତକଓ୍ୱା (ଧର୍ମପରାୟଣତା)ର ତିନୋଟି ସ୍ତର ବର୍ଣ୍ଣନା କରାଯାଇଅଛି । **ଅଲ୍ଲଜିନା ୟୁମିନୁନା ବିଲ୍ ଗୈବି ୱ ୟୁକୀମୁନସ୍ ସଲାତା ୱ ମିମ୍ମା ରଜକ୍‌ନାହୁମ୍ ୟୁନଫିକୁନ୍ (ସୁରଃ ଅଲ୍‌ବକ୍‌ରାଃ: ୦୪)** ଲୋକମାନେ ପବିତ୍ର କୁରଆନ୍ ପାଠକରୁଛନ୍ତି ସତ କିନ୍ତୁ ଶୁଆ ପରି କିଛି ବୁଝାସୁଝା ନକରି ପାଠ କରୁଛନ୍ତି । ଯେମିତି ଜଣେ ପଣ୍ଡିତ ନିଜ ପୋଥିକୁ ଅନ୍ଧଭାବରେ ପଢ଼ିଚାଲିଥାଏ । ନା ତ ସେ ନିଜେ ତାହା ବୁଝେ ନା ଶୁଣୁଥିବା ଲୋକଙ୍କୁ କିଛି ବୁଝାପଡ଼େ । ଠିକ୍ ସେହିପରି ଏବେ କେବଳ ପବିତ୍ର କୁରଆନ୍‌କୁ ତିଲାଓ୍ୱତ୍ (ଆବୃତି)କରିବାର ଶୈଳୀ ହିଁ ବାକି ରହିଗଲାଣି ଯେ ଦୁଇ ଚାରି ସିପାରାଃ ପାଠ କରିଦେଉଛନ୍ତି କିନ୍ତୁ କ'ଣ ପଢ଼ୁଛନ୍ତି ଜାଣୁନାହାନ୍ତି । ଅଧିକରୁ ଅଧିକ ଏତିକି କରୁଛନ୍ତି ଯେ ସ୍ୱର ବାହାର କରି ପଢୁଛନ୍ତି ଓ କାଫ୍ ତଥା ଆଇନ୍ ର ଉଚ୍ଚାରଣ କରୁଛନ୍ତି । ପବିତ୍ର କୁରଆନକୁ ସୁନ୍ଦର ଶୈଳୀରେ ତଥା ସୁନ୍ଦର ସ୍ୱରରେ ପଢ଼ିବା ମଧ୍ୟ ବହୁତ ଭଲ କଥା । କିନ୍ତୁ ପବିତ୍ର କୁରଆନ୍ ତିଲାଓ୍ୱତ୍ (ଆବୃତି)କରିବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ତାହାର ପ୍ରକୃତ ତଥ୍ୟ ଓ ଶିକ୍ଷା ବିଷୟରେ ସୂଚନା ପ୍ରାପ୍ତ କରି ମଣିଷ ତା ସାହାଯ୍ୟରେ ନିଜ ମଧ୍ୟରେ ଏକ ପରିବର୍ତନ ସୃଷ୍ଟି କରୁ ।

**(ମଲଫୁଜାତ୍ , ଖ-୦୧ , ପୃ-୩୮୭ , ମୁଦ୍ରିତ କାଦିଆନ୍ ୨୦୧୮)**

## ନବୀ ସ:ଆ:ସଙ୍କ ବାଣୀ

### ଆଁ ହଜରତ୍ ସ ଆ ସ ମାଗିବା ଲୋକକୁ ମନା କରୁନଥିଲେ ।

(୨୦୯୩) ହଜରତ୍ ସହଲ୍ ବିନ୍ ସାଆଦ୍ ରଜିୟଲ୍ଲାହୁ ଅନହୁ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ : ଜଣେ ମହିଳା ବୁର୍ଦା ଧରି ଆସିଲେ,କହିଲେ : ଆପଣ ଜାଣିଛନ୍ତି କି ଏହି ବୁର୍ଦା କ'ଣ ? ଏଥିରେ ତାଙ୍କୁ କୁହାଗଲା : ହଁ ଏହା ହେଉଛି ଗୋଟିଏ ଧାରୀଦାର ଚଦର । ସେହି ମହିଳା ଜଣକ କହିଲେ : ହେ ଅଲ୍ଲାଃଙ୍କ ରସୁଲ୍ !ମୁଁ ଏହାକୁ ନିଜ ହାତରେ ଏଇଥିପାଇଁ ବୁଣି ଆଣିଛି ଯେ ଏହା ମୁଁ ଆପଣଙ୍କୁ ପିନ୍ଧିବାକୁ ଦେବି । ନବି କରିମ୍ ସ ଆ ସ ତାହାକୁ ଗ୍ରହଣ କଲେ । ଆପଣ ସ ଆ ସଙ୍କୁ ଏହାର ଆବଶ୍ୟକତା ଥିଲା । ତାପରେ ଆପଣ ସ ଆ ସ ବାହାରକୁ ଆମ ନିକଟକୁ ଆସିଲେ ଓ ସେହି (ଚଦର)ଟିକୁ ଲୁଙ୍ଗି ପରି ପରିଧାନ କରିଥିଲେ । ଲୋକମାନଙ୍କ ମଧ୍ୟରୁ ଜଣେ କହିଲେ :ହେଅଲ୍ଲାଃଙ୍କ ରସୁଲ୍ ! ଏହି (ଚଦର)ଟିକୁ ମତେ ପିନ୍ଧିବାକୁ ଦେଇଦିଅନ୍ତୁ । ମହାଭାଗ ସ ଆ ସ କହିଲେ :ଠିକ୍ ଅଛି । ନବି ସ ଆ ସ କିଛି ସମୟ ମଜଲିସରେ ବସିରହିଲେ । ପୁଣି ଭିତରକୁ ଯାଇ ସେହି ଚଦରଟିକୁ ଥାକ କଲେ,ତାପରେ ସେହି ଲୋକ ନିକଟକୁ ପଠାଇଦେଲେ । ଲୋକମାନେ ତାକୁ କହିଲେ :ଆଁ ହଜରତ୍ ସ ଆ ସଙ୍କଠାରୁ ତୁମେ ଏହା ମାଗିକି ନେଇ ଠିକ କଲନାହିଁ । ତୁମେ ଏକଥା ଜାଣିଛ ଯେ ମହାଭାଗ ସ ଆ ସ କୌଣସି ମାଗିବା ଲୋକକୁ କେବେ ମନା କରନ୍ତି ନାହିଁ । ଏଥିରେ ସେହି ଲୋକଜଣକ କହିଲା :ଅଲ୍ଲାଃଙ୍କ ରାଣ ! ମୁଁ ଏହାକୁ ଏଥିପାଇଁ ମାଗିରଖିଲି ଯେ ମୋ ମରିଯିବା ପରେ ଏହା ମୋ ପାଇଁ ମୋର କଫନ ହେଉ । ହଜରତ୍ ସହଲ୍ ର ଅ କହିଲେ: ସେହି (ଚଦର)ଟି ତାଙ୍କର କଫନ ଭାବରେ ବ୍ୟବହୃତ ହେଲା ।

*(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)* ।

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନା ସଫଳ ଓ ବାବର୍‌କତ୍ ହେବା ପାଇଁ ଏବଂ ପୁଣ୍ୟାତ୍ମାମାନଙ୍କ ସତ୍‌ପଥ ପ୍ରତି ମାର୍ଗଦର୍ଶନର କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ .....*

ପାଇଁ ଅଲ୍ଲାଃଙ୍କ ଖାତିର୍ ଜେଲଦଣ୍ଡ ଭୋଗିବାକୁ ସୌଭାଗ୍ୟ ମିଳିଥିଲା । ସ୍ୱର୍ଗତଙ୍କ ପରିବାରରେ ତାଙ୍କ ପତ୍ନୀ ଏବଂ ଦୁଇଜଣ ସନ୍ତାନ ବ୍ୟତୀତ ତାଙ୍କ ମାଆବାପା , ପଂଚଜଣ ଭାଇ ଏବଂ ଜଣେ ଭଉଣୀ ଅଛନ୍ତି । ତାଙ୍କ ମାଆ ଶ୍ରୀମତୀ ଆସିଫା ସଇଦା ସାହିବା ଜିଲ୍ଲା ଫୈସଲାବାଦର ସଦର୍ ଲଜନା ଅଛନ୍ତି । ଅଲ୍ଲାଃତାଲା ସମସ୍ତଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ଡ଼ାଃ ହାମିଦ୍ ମେହମୁଦ୍ ସାହେବ୍ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ ଅହେମଦୀୟତ୍ ତଥା ବିଶେଷଭାବେ ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମ ଓ ଆନ୍ତରିକତା ଥିଲା । ସେ ନିଜର ସାମାଜିକ , ରାଜନୈତିକ ତଥା ପ୍ରଶାସନିକ ସମ୍ବନ୍ଧ ଯୋଗୁଁ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଚେଷ୍ଟାକରୁଥିଲେ । ଯାହକୁ ବି କିଛି ଆବଶ୍ୟକ ହେଉଥିଲା , ସେ ତାଙ୍କୁ ବଢ଼ିଚଢ଼ିକି ସାହାଯ୍ୟ କରିବାକୁ ନିଜର କର୍ତବ୍ୟ ଭାବୁଥିଲେ । ଯଦି କାହାକୁ ଅସୁବିଧାରେ ରହି ଯନ୍ତ୍ରଣାରେ ଥିବା ଦେଖୁଥିଲେ , ନୀରବରେ ତାଙ୍କୁ ସାହାଯ୍ୟ କରିବା ନିଜର କର୍ତବ୍ୟ ବୋଲି ଜାଣୁଥିଲେ ଓ କାହାକୁ କିଛି ନଜଣାଇ ସେ ସେହି ଅସହାୟ ଲୋକକୁ ସାହାଯ୍ୟ କରିବା ନିମନ୍ତେ ଚେଷ୍ଟା କରୁଥିଲେ ।

ଡ଼ାଃ ମସହୁଦୁଲ୍ ହସନ୍ ନୁରୀ ସାହେବ୍ କୁହନ୍ତି :ଜୁଲଫିକାର୍ ଜଣେ ବହୁତ ପୂଣ୍ୟବାନ୍, ଗୁଣବାନ୍ ତଥା ସଚ୍ଚୋଟ ଅହେମଦୀ ଯୁବକ ଥିଲେ । ପୁଣି ସେ କୁହନ୍ତି ଯେ ତାଙ୍କ ସହିତ ଯେବେଠାରୁ ମୋର ସମ୍ପର୍କ ସ୍ଥାପନ ହେଲାଣି ମୁଁ ତାଙ୍କର ସାମର୍ଥ୍ୟ ଓ ଦକ୍ଷତାକୁ ଭଲଭାନରେ ଜାଣିସାରିଛି । ସେ ହ୍ୟୁମାନିଟି ଫାଷ୍ଟ ଆନ୍ଦୋଳନର ଆର୍ଥିକ ବଳିଦାନରେ ସକ୍ରିୟ ଭାବରେ ଜଡ଼ିତ ଥିଲେ । ତାଙ୍କ ନିକଟରେ ବଳିଦାନର ମାନ ତଥା ଉଦାରତା ଗୁଣ ବହୁମାତ୍ରାରେ ଥିଲା । ସେ ଏହି କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରୁଥିଲେ । ଏତକ କରିବା ପରେ ବି ସେ ନିଜକୁ ଅସମର୍ଥ ବୋଲି ତଥା ନିଜର ଅସହାୟତାକୁ ପ୍ରକାଶ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ତଥା ଦୟା ଆଚରଣ କରନ୍ତୁ । ତାଙ୍କ ମାଆ ବାପାଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାନ୍ତ୍ୱନା ପ୍ରଦାନ କରନ୍ତୁ । ତାଙ୍କ ପତ୍ନୀଙ୍କୁ ବି ଧୈର୍ଯ୍ୟ ଓ ସାନ୍ତ୍ୱନା ପ୍ରଦାନ କରନ୍ତୁ । ତାଙ୍କ ସନ୍ତାନମାନଙ୍କୁ ଅଲ୍ଲାଃତାଲା ସ୍ୱୟଂ ସୁରକ୍ଷ ପ୍ରଦାନ କରନ୍ତୁ ଓ ତାଙ୍କ ପୂଣ୍ୟ କାର୍ଯ୍ୟଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ସେମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ତୃତୀୟ ଜଣକ ହେଉଛନ୍ତି ଶ୍ରୀମାନ୍ ମଲକ୍ ତବସ୍ସୁମ୍ ମକସୁଦ୍ ସାହେବ୍ ଆଫ୍ କାନାଡ଼ା । ତାଙ୍କର ବିଗତ ଦିନ ଦେହାନ୍ତ ହୋଇଯାଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କ ବାପା ମଲକ୍ ମକସୁଦ୍ ସାହେବ୍ ୨୮ ମଈ ୨୦୧୦ ମସିହାରେ ଦାରୁଲ୍ ଜିକ୍ର ଲାହୋର୍ ହୋଇଥିବା ଆକ୍ରମଣରେ ଶହୀଦ୍ ହୋଇଥିଲେ । ବାପା ମଲକ୍ ମକସୁଦ୍ ସାହେବ୍ ଶହୀଦଙ୍କ ଅଜା ହଜରତ୍ ମଲକ୍ ଅଲୀ ବଖ୍ସ ସାହେବ୍ ଭୋପାଲ୍ ନିବାସୀ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସାହାବି ଥିଲେ । ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଲେକଚର୍ ସିଆଲକୋଟ୍ କୁ ଶୁଣି ବୟତ କରିବାପାଇଁ ପଣ କରିଥିଲେ । ମଲକ୍ ତବସ୍ସୁମ୍ ମକସୁଦ୍ ସାହେବ୍ ୧୯୯୧ ମସିହାରେ ନିଜ ଜୀବନକୁ ୱକ୍ଫ୍ (ଅର୍ଥାତ୍ ଧର୍ମ କାର୍ଯ୍ୟାରେ ଉତ୍ସର୍ଗ)କରିଥିଲେ । ୨୦୦୬ ମସିହାରେ ତାଙ୍କର ଡ଼୍ୟୁଟି ନିଜାରତ୍ ଉମୁରେ ଆମାଃ ରେ ଲାଗିଲା । ସେଠାରେ ସେ ନାଏବ୍ ନାଜିର୍ ଉମୁରେ ଆମାଃ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରିବାର ସୌଭାଗ୍ୟ ପାଇଥିଲେ । ପୁଣି ୨୦୧୧ ମସିହାରେ ତହରିକ ଜଦିଦର ମୁଶିରେ କାନୁନୀ (ଆଇନି ପରାମର୍ଶଦାତା) ଭାବରେ ନିଯୁକ୍ତି ପାଇଥିଲେ । ପୁଣି ୨୦୧୬ ମସିହାରେ ମୋ ଅନୁମତି ନେଇ ସେ ଶହୀଦ୍ ମାନଙ୍କ ପରିବାରବର୍ଗମାନଙ୍କ ସହିତ କାନାଡ଼ା ଚାଲିଗଲେ । ସେ ପ୍ରଥମେ ତ ଯିବାକୁ ଚାହୁଁନଥିଲେ କିନ୍ତୁ ମୋ କହିବାରେ ସେ ଚାଲିଗଲେ । କାନାଡ଼ାରେ ବି ସେ ଉମୁରେ ଆମାଃ ତଥା ଜାଏଦାଦ୍ ସେକ୍ରେଟାରୀ ବିଭାଗରେ ସେବାକାର୍ଯ୍ୟ କରିବାର ସୁଯୋଗ ପାଇବା ସହିତ ନାଜିମ୍ ଦାରୁଲ୍ କଜା ଭାବରେ ସେବାକାର୍ଯ୍ୟ କରିଛନ୍ତି । ସ୍ୱର୍ଗତ ନମାଜ ଓ ରୋଜା ନିୟମିତ ପାଳନ କରୁଥିଲେ । ସେ ନିୟମିତ ତହଜ୍ଜୁଦ୍ ନମାଜ୍ ପାଠ କରୁଥିଲେ । ପବିତ୍ର କୁରଆନ୍ ସହିତ ଗଭୀର ସଂଲଗ୍ନତା ଥିଲା , ଖିଲାଫତ୍ ସହିତ ଗଭୀର ପ୍ରତିବଦ୍ଧତା ଥିଲା ଏବଂ ଖଲିଫାଙ୍କ ଆଜ୍ଞା ପାଳିବାରେ ସର୍ବଦା ଆଗଭର ରହୁଥିଲେ । ସେ ଅତ୍ୟନ୍ତ ପୂଣ୍ୟବାନ୍ ଓ ସହାନୁଭୂତିଶୀଳ ଥିଲେ । ତାଙ୍କ ପରିବାରରେ ତାଙ୍କ ଅନ୍ତେ ତାଙ୍କ ମାଆ ଏବଂ ପତ୍ନୀଙ୍କ ବ୍ୟତୀତ ତାଙ୍କର ଗୋଟିଏ ପୁଅ ଏବଂ ତିନିଜଣ ଝିଅ ଅଛନ୍ତି । ତାଙ୍କର ଏକମାତ୍ର ପୁଅ ଡ଼ାଃ ଅଥର୍ ଅହେମଦ୍ ୱାକିଫେ ଜୀନ୍ଦେଗୀ ଅଛନ୍ତି । ତାଙ୍କ ଜ୍ୱାଇଁ ଉମର୍ ଫାରୁକ୍ ସାହେବ୍ ମଧ୍ୟ ମୁରବୀ ସିଲସିଲା ଅଛନ୍ତି । ସ୍ୱର୍ଗତ ମଲକ୍ ତାହେର୍ ଅହେମଦ୍ ସାହେବ୍ ଅମୀର୍ ଜମାଅତ୍ ଜିଲ୍ଲା ଲାହୋରଙ୍କ ଭଣଜା ଥିଲେ

ତାଙ୍କ ଝିଅ ରଜିୟା ତବସ୍ସୁମ୍ ସାହିବା ଲେଖିଛନ୍ତି ଯେ ତାଙ୍କୁ ତବଲିଗ୍ କାର୍ଯ୍ୟ କରିବାରେ ବହୁତ ଆଗ୍ରହ ଥିଲା । ଥରେ ରାତିରେ ସେ ତବଲିଗ୍ କରିବାପାଇଁ ବାହାରିଲେ । ସେଠାରେ ତାଙ୍କ ଉପରେ ଯୁବକମାନେ ଆକ୍ରମଣ କରିଦେଲେ । ସେଠାରୁ ସେ ଜେଣତେଣ ପ୍ରକାରଣେ ବାହାରି ଆସିଲେ କିନ୍ତୁ ସେହି ଲଢ଼େଇରେ ଗୋଟିଏ ମୁଥା ତାଙ୍କ ଆଖିରେ ଲାଗିଯାଇଥିଲା ଫଳତଃ ତାଙ୍କ ଆଖିରେ ଆଘାତ ଲାଗିଗଲା । ବହୁତ କଷ୍ଟରେ ଘରେ ପହଂଚିଲେ ଓ ଏକଥା କାହାକୁ ବତାଇଲେ ବି ନାହିଁ । ଅନେକ ବର୍ଷ ପରେ ଯେତେବେଳେ ଆଖିରେ ପୁନର୍ବାର ଆଘାତ ଲାଗିଲା ଏବଂ ଡ଼ାକ୍ତରଙ୍କୁ ଦେଖାଇଲେ ସେତେବେଳେ ଡ଼ାକ୍ତର ସାହେବ କହିଲେ ଯେ ଏହା କୌଣସି ପୁରୁଣା ଆଘାତର ପ୍ରଭାବ । ତାପରେ ସେ ବତାଇଲେ ଯେ ଏମିତି ଏକ ଘଟଣା ଘଟିଥିଲା । ସେ ଯାହା ବି ହେଉ ସେ ଏକଥାରେ ବହୁତ ଖୁସି ଥିଲେ ଯେ ମୋ ଦୃଷ୍ଟିଶକ୍ତିର ଦୃବଳତା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ବାର୍ତା ପଂହଚାଇବା ଯୋଗୁଁ ହୋଇଛି

ମଲକ୍ ତାହେର୍ ଅହେମଦ୍ ସାହେବ୍ ଲେଖିଛନ୍ତି ଯେ ତବସ୍ସୁମ୍ ମକସୁଦ୍ ସାହେବ୍ ପଲାଦିନୁ ହିଁ ପୁଣ୍ୟକର୍ମ ପ୍ରତି ବହୁତ ଆଗ୍ରହ ରଖିଥିଲେ । ଜେଲି ତନଜିମ୍ ତଥା ଜମାତି ନିଜାମ ଅନ୍ତର୍ଗତ ସେ ଖିଦମତ୍ (ସେବାକାର୍ଯ୍ୟ) କରିଆସୁଥିଲେ । ଖିଲାଫତ୍ ପ୍ରତି ଗଭୀର ପ୍ରତିବଦ୍ଧତା , ଜାମଅତ୍ ର ଆଜ୍ଞା ପାଳନ କରିବା ତାଙ୍କର କାର୍ଯ୍ୟଥିଲା । ସେ ଅତ୍ୟନ୍ତ ନମ୍ର ସ୍ୱଭାବର ଥିଲେ ଏବଂ ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ପିଲାମାନଙ୍କର ଉଚ୍ଚମାନର ପ୍ରଶିକ୍ଷଣ ଦେଇଛନ୍ତି ଏବଂ ସେମାନଙ୍କର ଖିଲାଫତ୍ ସହିତ ତଥା ଜମାଅତ୍ ସହିତ କିପରି ଦୃଢ଼ ସମ୍ପର୍କ ସ୍ଥାପନ ହେବ ,ସେଥିପ୍ରତି ପ୍ରତି ବହୁତ ଚେଷ୍ଟା କରିଛନ୍ତି

ହାଫିଜ୍ ମୁହମ୍ମଦ୍ ଅକରମ୍ କୁରୈଶି ସାହେବ୍ ଯିଏ ନାଏବ୍ ୱକିଲୁଲ୍ ମାଲ୍ ସାନି ଅଛନ୍ତି, ସେ କୁହନ୍ତି ;ତାଙ୍କ ସହିତ ମୋର ପୁରୁଣା ରହିଆସିଅଛି । ପଡ଼ୋଶି ହେବାର ବି ସୌଭାଗ୍ୟ ମିଳିଛି । ସେ ଅତ୍ୟନ୍ତ ନିଷ୍ଠାବାନ୍,ବିଶ୍ୱସ୍ତ, ସହାନୁଭୂତିଶୀଳ,ଲୋକସେବାରେ ସର୍ବଦା ନିମଜ୍ଜିତ ତଥା ଖିଲାଫତର ପାଗଳ ପ୍ରେମି ଥିଲେ । ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ତାଙ୍କର ପୂର୍ଣ୍ଣ ଓ ଅଗାଢ଼ ବିଶ୍ୱାସ ଥିଲା । ଥରେ ମୁଁ ଦେଖିବାକୁ ପାଇଲି ଯେ ସେ ଜଣକୁ ଇରଫାନେ ଇଲାହୀ (ଅର୍ଥାତ୍ ଅଲ୍ଲାଃଙ୍କୁ ଜାଣିବାର ଜ୍ଞାନ )ସମ୍ପର୍କରେ ବୁଝାଉଥିଲେ । ମୁଁ ଦେଖିବାକୁ ପାଇଲି ଯେ ଅଲ୍ଲାଃତାଲାଙ୍କ ପ୍ରେମ ଓ ଅଲ୍ଲାଃତାଲାଙ୍କ ମହିମା ଯୋଗୁଁ ତାଙ୍କ ଆଖିରୁ ଅଶ୍ରୁ ବହୁଥିଲା । ପୁଣି ସେ ଲେଖିଛନ୍ତି ଯେ ତାଙ୍କ ସହିତ କାମକରୁଥିବା ଜଣେ କର୍ମୀ ମତେ ବତାଇଲେ ଯେ , ସେ ମତେ କହୁଥିଲେ ଯେ ମୋର ଏ ଉପଦେଶ ଯେ କିଏ କ'ଣ କରୁଛି ତାକୁ ଦେଖନାହିଁ, କାହାର କିଛି ଶୁଣନାହିଁ , ଖାଲି ନିଜର ଇମାନ୍ (ବିଶ୍ୱାସ) କୁ ବଂଚାଅ । ଖିଲାଫତର କାନୀକୁ ଛାଡ଼ନାହିଁ । ଏହି ଖିଲାଫତ୍ ବ୍ୟତୀତ ଆଉ କେଉଁଠି ଶାନ୍ତି ନାହିଁ । ଖୁଦ୍ଦାମୁଲ୍ ଅହେମଦୀୟାରେ ଥିବା ସମୟରୁ ହିଁ ଜମାଅତ୍ ସହିତ ଅତ୍ୟନ୍ତ ଗଭୀର ସମ୍ପର୍କ ରଖିଥିଲେ ଏବଂ ନିଜର ଜୀବନ,ଧନ,ସମୟ ଏବଂ ସମ୍ମାନକୁ ପ୍ରତ୍ୟେକ ମୁହୂର୍ତ ପେଶ୍ କରିଦେଉଥିଲେ । ଫୁର୍ତିଲା ଯୁବକ ଥିଲେ । ମୋଟା ଓ ମଜବୁତ୍ ଶରୀରଧାରୀ ଏବଂ ଲମ୍ବା ବ୍ୟକ୍ତି ଥିଲେ । ସେ ଜଣେ ସ୍ପୋର୍ଟସ୍ ମ୍ୟାନ୍ ଥିଲେ । ଏହି ଯେଉଁସବୁ ସାମର୍ଥ୍ୟ ତାଙ୍କର ଥିଲା ସେ ସେସବୁକୁ ଜମାଅତ ପାଇଁ ଖର୍ଚ୍ଚ କରୁଥିଲେ । ଅଳ୍ପ ବୟସରେ ତାଙ୍କୁ ସୁପ୍ରିମ କୋର୍ଟରେ ପ୍ରାକ୍ଟିସ୍ କରିବା ପାଇଁ ଲାଇସେନ୍ସ ମିଳିଯାଇଥିଲା । ବିଭିନ୍ନ ପ୍ରକାରର କାମ କରିବାରେ ତାଙ୍କର ଅତୁଳନୀୟ ଅଭିଜ୍ଞତା ଓ ଦକ୍ଷତା ଥିଲା । ତତ୍ସହିତ ସେ ଏ ଦୁନିଆକୁ ଭ୍ରମଣ ବି କରିଛନ୍ତି । ଏମିତି ନୁହେଁ କି ସେ ନିଜର ପରିସ୍ଥିତିରେ ବା ନିଜ ମଧ୍ୟରେ ହିଁ ରହୁଥିଲେ । କିନ୍ତୁ ସର୍ବଦା ତାଙ୍କ ନିକଟରେ ନମ୍ରତା ପରିଲକ୍ଷିତ ହେଉଥିଲା । କେବେବି ତାଙ୍କ ନିକଟରେ ସ୍ୱାର୍ଥପରତା ଦେଖାଯାଇନାହିଁ । ତାଙ୍କ ନିକଟରେ କୌଣସି ଗର୍ବ ବା ଅଂହଙ୍କାର ନଥିଲା । ଅଲ୍ଲାଃତାଲା ମର୍ହୁମ୍ (ସ୍ୱର୍ଗତ)ଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ବି ତାଙ୍କ ପୂଣ୍ୟକର୍ମଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ .....*

ଜମାଅତକୁ ବିରୋଧ କରିବା ଛାଡ଼ିଦେଲେ । ପୁଣି କିଛି ଦିନ ପରେ ନିଜ ପରିବାର ସହିତ ଆସି ଅମ ଜମାଅତରେ ସାମିଲ୍ ହୋଇଗଲେ । ସେ ନା କେବଳ ସାମିଲ୍ ହେଲେ ବରଂ ଏବେ ସେ ତବଲିଗ୍ ବି କରୁଛନ୍ତି । ନିଜର ଚାନ୍ଦା ସେ ନିୟମିତ ପଇଠ କରୁଛନ୍ତି । ଏବେ ଦେଖନ୍ତୁ ଅଲ୍ଲାଃତାଲା କିପରି ଯୁଗ ଖଲିଫାଙ୍କ ଖୁତବାରେ ପ୍ରଭାବ ରଖିଦେଇଛନ୍ତି ।

କଙ୍ଗୋକାନ୍ସାସା ଦେଶର ଲୋକଲ୍ ମିଶିନାରୀ ସାହେବ୍ କୁହନ୍ତି ଯେ ସେଠିକାର ଗୋଟିଏ ଇଲାକାରେ ତବଲିଗ୍ ଅଭିଯାନ ଆରମ୍ଭ କରାଗଲା । ଅଣ ଜମାଅତ୍ର ଲୋକମାନେ ସୁସଂଗଠିତ ଭାବରେ ବିରୋଧ କରିବା ଆରମ୍ଭ କରିଦେଲେ । ତିନି ମାସ ପରେ ଦିନେ ସେହି ବିରୋଧିମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ଉସମାନ୍ ସାହେବ୍ ଆମ ମିଶନ୍ ସହିତ ଯୋଗା ଯୋଗ ଆରମ୍ଭ କରିଲେ । କହିଲେ ଯେ ସେ ନିଜ ଫ୍ୟାମିଲିର ଲୋକମାନଙ୍କ ସହିତ ଆସି ବୟତ କରି ଜମାଅତରେ ସାମିଲ୍ ହେବାକୁ ଚାହୁଁଛନ୍ତି । ଯେବେ ତାଙ୍କୁ ପଚରାଗଲା ଯେ ଏହାର କାରଣ କ'ଣ ? ସେ କହିବାକୁ ଲାଗିଲେ ଯେ ଦିନେ ମୋ ପତ୍ନୀ ସାଟଲାଇଟ୍ ଚ୍ୟାନେଲ୍ ଦେଖୁଥିଲେ , ସେହି ସମୟରେ ଆପଣଙ୍କ ଏମ୍ ଟି ଏ ଚ୍ୟାନେଲ୍ ଲାଗିଗଲା । ଯେହେତୁ ତାଙ୍କୁ ଏକଥା ଜଣାଥିଲା ଯେ ମୁଁ ଜମାଅତ୍ ଅହେମଦୀୟାର ବିରୋଧ କରୁଛି ତେଣୁ ସେ ମତେ ବି ଡ଼ାକିଲେ । ମୁଁ ଯେବେ ଜମାଅତ୍ ପ୍ରସଙ୍ଗରେ କିଛି ଭୂଲ କଥା କହିବାକୁ ଲାଗିଲି , ମୋ ପତ୍ନୀ କହିଲେ ଯେ ପ୍ରଥମେ ପୁରା ପ୍ରୋଗ୍ରାମ ଶୁଣନ୍ତୁ ତାପରେ କହିବ । ସେତେବେଳେ ବି ସେଠାରେ ମୋ ଖୁତବା ଆରମ୍ଭ ହେଉଥିଲା । ସେ କୁହନ୍ତି ଯେ ଖୁତବା ଶୁଣିବା ପରେ ମତେ ବିଶ୍ୱାସ ହୋଇଗଲା ଯେ ଯେଉଁ ଆବାଜ୍ ମୋ କାନରେ ଆଜି ଶୁଭିଲା ଏହା ହିଁ ହେଉଛି ଇସଲାମର ପ୍ରକୃତ ସ୍ୱରୂପ । ଖଲିଫାଙ୍କୁ ଶୁଣିବା ପରେ ଜମାଅତ୍ର ସତ୍ୟତା ସମ୍ବନ୍ଧରେ ମତେ ଆଉ କୌଣସି ପ୍ରକାରର ସନ୍ଦେହ ନାହିଁ ।

ଏବେ ଦେଖନ୍ତୁ ମୋ ଅସ୍ତିତ୍ୱର କିଛି ବି କମାଲ୍ ନାହିଁ । ବରଂ ଅଲ୍ଲାଃତାଲା ଖିଲାଫତ୍ ଜରିଆରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ମିଶନର ପ୍ରତିଶୃତିକୁ ପୂରଣ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲେ,ଏହା ହେଉଛି ତାହାଙ୍କ କୃପାର ପରିପ୍ରକାଶ । *କ୍ରମଶଃ.....*

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

## ବିସମିଲ୍ଲାହିର୍ ରହମାନିର୍ ରହିମ୍ -ମୁହମ୍ମଦ୍ ନବି ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍ ଙ୍କ ତରଫରୁ ମୁସଲେମା କଜ୍ଜାବ୍ ନାମରେ ଏ ଚିଠି

ଅମ୍ମା ବାଦ୍ , ନିଶ୍ଚିତ ରୂପେ ଏ ପୃଥିବୀ ହେଉଛି ଅଲ୍ଲାଃଙ୍କର । ସେ ନିଜ ଭକ୍ତମାନଙ୍କ ମଧ୍ୟରୁ ଯାହକୁ ଇଚ୍ଛା କରନ୍ତି ନିଜର ଉତରାଧିକାରୀ କରନ୍ତି ଏବଂ ଅନ୍ତିମ(ଉତମ)ପରିଣାମ ଧାର୍ମିକମାନଙ୍କର ହିଁ ହୋଇଥାଏ ଏବଂ ଯିଏ ହିଦାୟତ୍(ସତ୍‌ପଥ/ ମାର୍ଗଦର୍ଶନ)ର ଅନୁସରଣ କରିବ ତାହାଙ୍କ ଉପରେ ଶାନ୍ତ ଅବତୀର୍ଣ୍ଣ ହେଉ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକବର୍ ହଜରତ୍ ଅବୁ ବକର୍ ର ଅ ଙ୍କ ଗୁଣ ଗାରିମାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା**

ମୁସଲେମା କଜ୍ଜାବ୍ ଖିଲାଫରେ ଅନୁଷ୍ଠିତ ହୋଇଥିବା ୟମାମା ଯୁଦ୍ଧର କାରଣ ତଥା ସେହି ଯୁଦ୍ଧର ଅବସ୍ଥା ଏବଂ ଘଟଣାବଳୀର ଚର୍ଚ୍ଚା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ ୨୦ ମଇ ୨୦୨୨ ଅନୁଯାୟୀ ୨୦ ହିଜ୍‌ରତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ୍ ଅବୁ ବକର୍ ସିଦ୍ଦିକ୍ ର  ଅ ଙ୍କ ଖିଲାଫତ୍ ସମୟରେ ଅନୁଷ୍ଠିତ ହୋଇଥିବା ୟମାମା ଯୁଦ୍ଧ ବିଷୟରେ ଚର୍ଚ୍ଚା ଚାଲିଥିଲା । ୟମାମା ଯୁଦ୍ଧ ବିଷୟରେ ଉଲ୍ଲେଖ ରହିଛି ଯେ , ୟମାମା ହେଉଛି ୟମନ ଦେଶର ଗୋଟିଏ ପ୍ରଶିଦ୍ଧ ସହରର ନାମ । ଆଜିକାଲି ଏହି ଇଲାକାଟି ସାଉଦି ଆରବରେ ରହିଛି । **(ଫରହଙ୍ଗ୍ ସିରତ୍ ଅଜ୍ ସୟଦ୍ ଫଜଲୁର୍ ରହମାନ୍ , ପୃ-୩୨୧ , ଜଓ୍ୱାରା ଏକାଡ଼େମୀ ପବ୍ଲିକେସନ୍ସ କରାଚି ୨୦୦୩)(ଉର୍ଦ୍ଦୁ ଦାଏରାଏ ମାଆରିଫେ ଇସଲାମିୟାଃ, ଖ-୨୩, ପୃ-୩୧୧ ,ଜେରେ ଏହତେମାମ୍ ଦାନିଶ୍ ଗାହ୍ ପଞ୍ଜାବ ଲାହୋର୍ ୨୦୦୨)**

ୟମାମା ଏକ ସବୁଜ ଓ ଉର୍ବର ଅଂଚଳ ଥିଲା । ସୁତରାଂ ୟମାମା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ଏହି ୟମାମା ସହରଟି ସହରମାନଙ୍କ ମଧ୍ୟରେ ଏକ ସୁନ୍ଦର ସହର ଥିଲା । ଏହି ସହରଟି ଧନ ସମ୍ପଦ, ବୃକ୍ଷଲତା ଏବଂ ଖଜୁରୀ ଗଛରେ ପରିପୂର୍ଣ୍ଣ ଥିଲା । (ମୁଅଜମୁଲ୍ ବୁଲଦାନ୍ , ଖ-୦୫, ପୃ-୫୦୬ , ଜେରେ ଲଫଜ୍ ୟମାମା , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)

ୟମାମା ଇଲାକାରେ ବନୁ ହନିଫା କବିଲାର ଲୋକମାନେ ବସବାସ କରୁଥିଲେ । ସେମାନେଯୁଦ୍ଧ ବିଦ୍ୟାରେ ନିପୁଣ ଥିଲେ । ସେମାନଙ୍କ ସମ୍ବନ୍ଧରେ ତଫସୀର୍ କରତବୀରେ ଏହି ଆୟତ ସତୁଦ୍‌ଔନା ଇଲା କୌମିନ୍ ଉଲି ବାସିନ୍ ଶଦିଦିନ୍ ତୁକାତିଲୁନହୁମ୍ ଔ ୟୁସଲିମୁନା (ସୁରଃ ଅଲଫତାହ୍ : ୧୭) ଅର୍ଥାତ୍ ତୁମେମାନେ ନିଶ୍ଚୟ ଏପରି ଏକ ଦଳ ସହିତ ଯୁଦ୍ଧ କରିବାକୁ ଡ଼କା ହେବ ଯେ କି ଯୁଦ୍ଧ ବିଦ୍ୟାରେ ନିପୁଣ । ତୁମେମାନେ ସେମାନଙ୍କ ସହିତ ଯୁଦ୍ଧ କରିବ ବା ସେମାନେ ମୁସଲମାନ୍ ହୋଇଯିବେ । ଏହାର ତଫସୀର୍ ରେ ଉଲ୍ଲେଖ ରହିଛି ଯେ : ହସନ୍ କୁହନ୍ତି : ଯେ ଯୁଦ୍ଧ ବିଦ୍ୟାରେ ନିପୁଣ ଥିବାର ଯେଉଁ କଥା କୁହାଯାଇଅଛି, ତାହାର ତାତ୍ପର୍ଯ୍ୟ ହେଉଛି ପାରସ୍ୟ ତଥା ରୋମ ଜାତି । ଇବନେ ଜବିର୍ କୁହନ୍ତି : ଏହାର ଅର୍ଥ ହେଉଛି ହଓ୍ୱାଜିନ୍ ଏବଂ ସକିଫ୍ କବିଲା । ଜୁହରୀ ତଥା ମୁକାତିଲ୍ କୁହନ୍ତି : ଯେ ଏହାର ଅର୍ଥ ହେଉଛି ବନୁ ହନିଫା କବିଲା , ଯେଉଁମାନେ ୟମାମାର ଅଧିବାସୀ ଥିଲେ ଏବଂ ମୁସଲେମା କଜ୍ଜାବ୍‌ର ସାଥି ଥିଲେ । ରାଫେ ବିନ୍ ଖଦିଜ୍ କୁହନ୍ତି : ଆମେ ଏହି ଆୟତ ପାଠକରୁଥିଲୁଁ । କିନ୍ତୁ ଆମକୁ ଏକଥା ଜଣା ନଥିଲା ଯେ ଏହି ଯୋଦ୍ଧା ଜାତି କିଏ ? ଏପରିକି ହଜରତ୍ ଅବୁବକର୍ ର ଅ ଆମକୁ ବନୁ ହନିଫା ସହିତ ଯୁଦ୍ଧ କରିବା ପାଇଁ ଡ଼କାଇଲେ । ତାପରେ ଆମେ ଜାଣିଲୁଁ ଯେ ସେହି ଯୁଦ୍ଧ ବିଦ୍ୟାରେ ନିପୁଣ ଥିବା ଲୋକମାନେ ହେଉଛନ୍ତି ଏହି ଜାତି । **(ଅଲଜାମେଉଲ୍ କୁରଆନ୍ ଅଜ୍ ଅଲ୍ଲାମା କରତବୀ , ପୃ-୨୮୫୦-୨୮୫୧ ଜେରେ ଆୟତ୍ ସୁରଃ ଅଲଫତହ୍ ଆୟତ୍ ନଂ-୧୬ ପ୍ରକାଶିତ ଦାର ଇବନେ ହଜମ୍)**

ଯେବେ ରସୁଲୁଲ୍ଲାଃ ସ ଆ ସ ୦୭ ହିଜ୍‌ରୀର ପ୍ରାରମ୍ଭରେ ବା କେତେକଙ୍କ ମତ ଅନୁସାରେ ୦୬ ହିଜରୀରେ ବିଭିନ୍ନ ଦେଶର ରାଜା ମାନଙ୍କୁ ତବଲିଗି ଚିଠି ଲେଖିଲେ, ସେତେବେଳେ ଗୋଟିଏ ଚିଠି ୟମାମାର ରାଜା ହୌଜା ବିନ୍ ଅଲୀ ଏବଂ ୟମାମା ବାସୀଙ୍କ ନିକଟକୁ ଚିଠି ଲେଖିଲେ । ସେଥିରେ ତାକୁ ତଥା ୟମାମାର ଅଧିବାସୀ ମାନଙ୍କୁ ଇସଲାମ୍ ପ୍ରତି ଆମନ୍ତ୍ରଣ କରାଯାଇଥିଲା । ଯେବେ ୦୯ ହିଜରୀ ରେ ବିଭିନ୍ନ ପ୍ରତିନିଧି ମଣ୍ଡଳ ମଦିନା ଆସିଲେ ସେତେବେଳେ ୟମାମାରୁ ବନୁ ହନିଫା କବିଲା ବି ଆସିଥିଲା । ସେହି ପ୍ରତିନିଧି ମଣ୍ଡଳରେ ମୁଜ୍ଜାଅ ବିନ୍ ମୁରାରାଃ ମଧ୍ୟ ଥିଲେ ଯାହାକୁ ରସୁଲୁଲ୍ଲାଃ ସ ଆ ସ ଜାଗିରୀ ସ୍ୱରୂପ ଗୋଟିଏ ଅନାବାଦୀ ଜମି ପ୍ରଦାନ କରିଥିଲେ । ସେ ଏଇଥି ପାଇଁ (ଆଁହଜରତ୍ ସ ଆ ସ ଙ୍କ ନିକଟରେ) ଅନୁରୋଧ କରିଥିଲା । ସେହି ପ୍ରତିନିଧି ମଣ୍ଡଳରେ ରଜ୍ଜାଲ୍ ବିନ୍ ଉନ୍‌ଫୁଓ୍ୱାହ୍ ମଧ୍ୟ ଥିଲେ । ଏତତ୍ ବ୍ୟତୀତ ମୁସଲେମା କଜ୍ଜାବ୍ ଏବଂ ସୁମାମା ବିନ୍ କବୀର୍ ବିନ୍ ହବିବ୍ ମଧ୍ୟ ଥିଲେ । ଇବନେ ହିଶାମ୍ ଙ୍କ ନିକଟରେ ତା ନାମ୍ ମୁସଲେମା ବିନ୍ ସୁମାମା ଥିଲା ଓ ତା କୁନିୟତ୍ (ସାଙ୍ଗିଆ) ଅବୁ ସୁମାମା ଥିଲା । ବନୁ ହନିଫାର ଏହି ପ୍ରତିନିଧି ମଣ୍ଡଳ ମଦିନାରେ ଅନସାରମାନଙ୍କର ଜଣେ ମହିଳା ରମ୍‌ଲାଃ ବିନତେ ହାରିସଙ୍କ ଘରେ ରହିଥିଲା ।**(ଉଦ୍ଧୃତାଂଶ ଫୁତୁହୁଲ୍ ବୁଲଦାନ୍ ଲିଇମାମ୍ ଅବିଲ୍ ହସନ୍ ଅହମଦ୍ ବିନ୍ ୟହୟା ଅଲବଲାଜରୀ , ପୃ-୫୯ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୦)(ଉଦ୍ଧୃତାଂଶ ଅସସିରତୁଲ୍ ନବଓ୍ୱିୟା ଲିଇବନେ ହିଶାମ୍ , ପୃ-୮୫୨ , କୁଦୁମେ ଓ୍ୱଫଦ୍ ବନି ହନିଫା , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)**

ଯେବେ ରସୁଲୁଲ୍ଲାଃ ସ ଆ ସ ଙ୍କ ହାତରେ ବୟତ କରିବା ପାଇଁ ଦଳ ଦଳ ହୋଇ ପ୍ରତିନିଧିମଣ୍ଡଳଗୁଡ଼ିକ ଆସିବାକୁ ଲାଗିଲେ, ସେତେବେଳେ ଆଁହଜରତ୍ ସ ଆ ସ ମଦିନାରେ ଗୋଟିଏ ଘର ନିର୍ଦ୍ଧାରିତ କରିଥିଲେ ଯେଉଁଠାରେ ସେହି ପ୍ରତିନିଧିମଣ୍ଡଳଗୁଡ଼ିକ ରହୁଥିଲେ । ସେହି ଘରଟି ରମ୍‌ଲାଃ ବିନତେ ହାରିସଙ୍କର ଥିଲା , ଯିଏ ବନୁ ନଜ୍ଜାରର ଜଣେ ମହିଳା ଥିଲେ । ସେହି ଘରଟି ବଡ଼ ପ୍ରଶସ୍ତ ଘର ଥିଲା । **(ଅଲମୁଫସିଲ୍ ଫି ତାରିଖିଲ୍ ଅରବ୍ କବଲଲ୍ ଇସଲାମ୍ ଅଜ୍ ଜୁଆଦ୍ ଅଲୀ , ଭାଗ-୦୫ , ପୃ-୨୫୮ , ମକତବାଃ ଜରୀର୍ ୨୦୦୬ )**

ଯେତେବେଳେ ବନୁ ହନିଫାର ଲୋକମାନେ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ସାକ୍ଷାତ କରିବା ପାଇଁ ଗଲେ , ମୁସଲେମା କଜ୍ଜାବ୍‌କୁ ସାଥିରେ ନେଇ ଗଲେ ନାହିଁ । ସେମାନେ ତାକୁ ନିଜ ସାମାନଗୁଡ଼ିକର ସୁରକ୍ଷା କରିବା ନିମନ୍ତେ ପଛରେ ଛାଡ଼ି ଯାଇଥିଲେ । ଯେବେ ସେମାନେ ଇସଲାମ୍ ଗ୍ରହଣ କଲେ, ସେତେବେଳେ ସେମାନେ ମୁସଲେମା ବିଷୟରେ ଚର୍ଚ୍ଚା କରି କହିଲେ : ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ଆମେ ନିଜର ଜଣେ ସାଥିକୁ ଆମ ପଛରେ ଆମ ଜିନିଷପତ୍ର ଇତ୍ୟାଦିର ସୁରକ୍ଷା କରିବା ନିମନ୍ତେ ଛାଡ଼ି ଆସିଅଛୁ । ସେ ଆମ ଜିନିଷଗୁଡ଼ିକର ସୁରକ୍ଷା ଦାୟିତ୍ୱରେ ଅଛି । ଅତେବ୍  ରସୁଲୁଲ୍ଲାଃ ସ ଆ ସ ମୁସଲେମା କଜ୍ଜାବ ନିମନ୍ତେ ମଧ୍ୟ ସେତିକି ମାତ୍ରାରେ ଉପହାର ଦେବାକୁ ନିର୍ଦ୍ଦେଶ ଦେଲେ ଯେତେମାତ୍ରାରେ ଅନ୍ୟ ଲୋକମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁଣି କହିଲେ : ସେ ପଦମର୍ଯ୍ୟାଦାରେ ତୁମମାନଙ୍କଠାରୁ କମ୍ ସ୍ତରର ନୁହେଁ । କାରଣ ସେ ନିଜ ସାଥିମାନଙ୍କ ଜିନିଷପତ୍ର ଇତ୍ୟାଦିର ସୁରକ୍ଷା କରୁଅଛି । ତାପରେ ସେହି ପ୍ରତିନିଧିମଣ୍ଡଳ ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟରୁ ଚାଲିଗଲା । ମହାଭାଗ ସ ଆ ସ ଯାହା ମୁସଲେମା ପାଇଁ ଦେଇଥିଲେ , ସେମାନେ ତାହାକୁ ସାଥିରେ ବି ଧରି ଚାଲିଗଲେ । **(ଉଦ୍ଧୃତାଂଶ**

**ଅସସିରତୁଲ୍ ନବଓ୍ୱିୟା ଲିଇବନେ ହିଶାମ୍ , ପୃ-୮୫୨ , କୁଦୁମେ ଓ୍ୱଫଦ୍ ବନି ହନିଫା , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)**

ଉପରୋକ୍ତ ବର୍ଣ୍ଣନାରୁ ଜଣା ପଡୁଛି ଯେ ମୁସଲେମା ବ୍ୟତୀତ ବନୁ ହନିଫାର ପ୍ରତିନିଧିମଣ୍ଡଳରେ ଉପସ୍ଥିତ ସମସ୍ତ ସଦସ୍ୟ ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ସାକ୍ଷାତ କରିଥିଲେ । କିନ୍ତୁ କିଛି ରିଓ୍ୱାୟତ୍ ଏମିତି ବି ମିଳିଥାଏ ସେହି ରିଓ୍ୱାୟତ୍‌ଗୁଡ଼ିକରେ ମୁସଲେମା କଜ୍ଜାବ୍ ସହିତ ରସୁଲୁଲ୍ଲାଃ ସ ଆ ସ ଙ୍କର ସାକ୍ଷାତ ହୋଇଥିଲା ବୋଲି ଉଲ୍ଲେଖ ରହିଛି । ଏ ସମ୍ବନ୍ଧରେ ଏକଥା ଉଲ୍ଲେଖ ରହିଛି ଯେ ସମ୍ଭବତଃ ସେ ଯେତେବେଳେ ଦ୍ୱିତୀୟ ଥର ଆସିଥିଲା ସେତେବେଳେ ସାକ୍ଷାତ କରିଥିବ । ସେ ଯାହା ହେଉ ନା କାହିଁକି ଏହାର ବିବରଣୀରେ ଏକଥା ଉଲ୍ଲେଖ ରହିଛି ଯେ ଯେବେ ସେହି ପ୍ରତିନିଧିମଣ୍ଡଳ ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟରେ ଉପସ୍ଥିତ ହେଲା , ସେଥିରେ ମୁସଲେମା କଜ୍ଜାବ ମଧ୍ୟ ଉପସ୍ଥିତ ଥିଲା । ଏକଥା ଆଉ ଏକ ସ୍ଥାନରେ ଲେଖା ଯାଇଅଛି ଯେ ହଜୁର ସ ଆ ସ ସାହାବା କରାମଙ୍କ ଗହଣରେ ଉପସ୍ଥିତ ଥିଲେ , ଆପଣ ସ ଆ ସ ଙ୍କ ହାତରେ ଖଜୁରୀ ଗଛର ଗୋଟିଏ ଡ଼ାଳ ଥିଲା । ମୁସଲେମା ଆପଣ ସ ଆ ସ ଙ୍କ ସହିତ କଥା ହେଲା ଏବଂ କିଛିଟା ଡ଼ିମାଣ୍ଡ୍ କଲା । ଏଥିରେ ଆପଣ ସ ଆ ସ କହିଲେ ଯେ ଯଦି ତୁମେ ମୋ ନିକଟରୁ ଏହି ଖଜୁରୀ ଡ଼ାଳ ଖଣ୍ଡିକ ବି ମାଗିବ , ଯାହାକୁ ମୁଁ ମୋ ହାତରେ ଧରିରଖିଛି , ମୁଁ ତାକୁ ବି ତୁମକୁ ଦେବିନାହିଁ । **(ସୁବୁଲୁଲ୍ ହୁଦା ଓ୍ୱର୍ ରଶାଦ୍ ଅଲବାବୁଲ୍ ତାସେଏ ଓ୍ୱ ସଲାସୁନା ଫି ଓ୍ୱଫୁଦ୍ ବନି ହନିଫା ...... ଖ-୦୬ , ପୃ-୩୨୬ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୯୯୩)**

ସହି ବୁଖାରୀରେ ଯେଉଁ ରିଓ୍ୱାୟତ୍ ଉପସ୍ଥିତ ରହିଛି ,ସେଥିରୁ ଜଣାପଡୁଛି ଯେ ମୁସଲେମା ରସୁଲୁଲ୍ଲାଃ ସ ଆ ସ ଙ୍କ ସହିତ ସାକ୍ଷାତ କରିନଥିଲା ବରଂ ରସୁଲୁଲ୍ଲାଃ ସ ଆ ସ ସ୍ୱୟଂ ତା ପାଖକୁ ଯାଇଥିଲେ । ଅତଃ ଉବୈଦୁଲ୍ଲାଃ ବିନ୍ ଅବଦୁଲ୍ଲାଃ ବିନ୍ ଉତବାଃ ବର୍ଣ୍ଣନା କରନ୍ତି ଯେ : ଆମକୁ ଏ ଖବର ପହଂଚିଲା ଯେ ମୁସଲେମା କଜ୍ଜାବ୍ ମଦିନା ଆସିଲା ଏବଂ ହାରିସ୍‌ଙ୍କ ଝିଅଙ୍କ ଘରେ ଓହ୍ଲାଇଲା । ହାରିସ୍ ବିନ୍ କୁରୈଜ୍ ଙ୍କ ଝିଅ ତାର ପତ୍ନୀ ଥିଲା ଓ ସେ ଅବ୍ଦୁଲ୍ଲାଃ ବିନ୍ ଆମିର୍‌ଙ୍କ ମାଆ ଥିଲେ । ରସୁଲୁଲ୍ଲାଃ ସ ଆ ସ ତା ପାଖକୁ ଆସିଲେ , ଏବଂ ମହାଭାଗ ସ ଆ ସ ଙ୍କ ସାଥିରେ ହଜରତ୍ ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ର ଅ ମଧ୍ୟ ଥିଲେ । ଇଏ ରସୁଲୁଲ୍ଲାଃ ସ ଆ ସ ଙ୍କ ଖତିବ୍ (ଅର୍ଥାତ୍ ରସୁଲୁଲ୍ଲାଃ ସ ଆ ସଙ୍କ ମୁଖପାତ୍ର)ବୋଲାଉଥିଲେ ଓ ରସୁଲୁଲ୍ଲାଃ ସ ଆ ସଙ୍କ ହତରେ ଗୋଟିଏ ବାଡ଼ି ଥିଲା । ଆପଣ ସ ଆ ସ ମୁସଲେମା କଜ୍ଜାବ ନିକଟରେ ଛିଡ଼ା ହେଲେ ଏବଂ ତା ସହିତ କଥା ହେଲେ । ମୁସଲେମା ଆପଣ ସ ଆ ସଙ୍କୁ କହିଲା ଯେ ଯଦି ଆପଣ ସ ଆ ସ ଚାହାନ୍ତି ତାହେଲେ ଆମ ମଧ୍ୟରେ ଏବଂ ଏହି ମାମଲା ମଧ୍ୟରେ ଆମକୁ ଛାଡ଼ି ଦିଅନ୍ତୁ । ପୁଣି ଆପଣ ଏହାକୁ ଆପଣଙ୍କ ଅନ୍ତେ ଆମ ପାଇଁ ନିର୍ଦ୍ଧାରିତ କରିଦିଅନ୍ତୁ । ଅର୍ଥାତ୍ ନବୁଓ୍ୱତ୍ ମାମଲାରେ , ତାହାର ଯେଉଁ ନିଷ୍ପତି ହେବ ବା ରସୁଲୁଲ୍ଲାଃ ସ ଆ ସ ଙ୍କ ଅନ୍ତେ ନବୁଓ୍ୱତ୍ ଆମକୁ ମିଳିଯାଉ । ତାର ଏହା ଥିଲା ବହୁତ ବଡ଼ ଡ଼ିମାଣ୍ଡ୍ । ଏହା ଶୁଣି ରସୁଲୁଲ୍ଲାଃ ସ ଆ ସ କହିଲେ : ଯଦି ତୁମେ ମୋଠାରୁ ଏହି ବାଡ଼ି ଖଣ୍ଡଟିକୁ ବି ମାଗ ତାହେଲେ ମୁଁ ଏହି ବାଡ଼ି ଖଣ୍ଡଟିକୁ ବି ଦେବିନାହିଁ । ମୁଁ ତ ତୁମକୁ ସେହି ଲୋକ ଭାବରେ ବିବେଚନା କରେ ଯାହା ମତେ ସ୍ୱପ୍ନରେ ଦେଖାଇଦିଆଯାଇଥିଲା । ଏହି ସାବିତ୍ ବିନ୍ କୈସ୍ ତୁମକୁ ମୋ ତରଫରୁ ଉତର ଦେବେ । ତାପରେ ନବି କରିମ୍ ସ ଆ ସ ସେଠାରୁ ଫେରି ଚାଲି ଆସିଲେ । **(ସହି ବୁଖାରୀ କିତାବୁଲ୍ ମଗାଜି , ବାବ୍ କିସ୍‌ସତିଲ୍ ଅସ୍‌ଓ୍ୱଦିଲ୍ ଅନସିଇ , ରିଓ୍ୱାୟତ୍ ନଂ-୪୩୭୮)**

ସେହିପରି ଆଉ ଏକ ରିଓ୍ୱାୟତରେ ଉଲ୍ଲେଖ ରହିଛି ଯେ ହଜରତ୍ ଇବନେ ଅବବାସ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁସଲେମା କଜ୍ଜାବ୍ ରସୁଲୁଲ୍ଲାଃ ସ ଆ ସ ଙ୍କ ସମୟରେ ଆସିଲା ଏବଂ କହିଲା ଯେ ଯଦି ମୁହମ୍ମଦ୍ ସ ଆ ସ ନିଜ ଅନ୍ତେ ମତେ ନିଜର ଉତରାଧିକାରୀ(ଖଲିଫା)କରିଦେବେ ତାହାହେଲେ ମୁଁ ତାଙ୍କର ଅନୁସରଣ କରିବି । (ଅର୍ଥାତ୍ ଯଦି ହଜରତ ମୁହମ୍ମଦ୍ ସ ଆ ସ ମତେ ନିଜ ପରେ ନିଜର ଉତରାଧିକାରୀ ରୁପେ ମନୋନୀତ କରନ୍ତି ତେବେ ମୁଁ ତାଙ୍କର ଅନୁଗାମୀ ପାଲଟିଯିବି)ଏକଥା ପୂର୍ବରୁ ବର୍ଣ୍ଣନା କରାଯାଇଥିବା ରିଓ୍ୱାୟତ ସହିତ ମିଶି ଯାଉଛି ଯେ ସେ ନିଜ କୌମର ବହୁତ ଲୋକମାନଙ୍କ ସହିତ ଆସିଥିଲା । ଅତଃ ରସୁଲୁଲ୍ଲାଃ ସ ଆ ସ ତା ପାଖକୁ ଆସିଲେ ଏବଂ ଆପଣ ସ ଆ ସ ଙ୍କ ସାଥିରେ ହଜରତ୍ ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ର ଅ ମଧ୍ୟ ଥିଲେ ଓ ରସୁଲୁଲ୍ଲାଃ ସ ଆ ସଙ୍କ ହତରେ ଗୋଟିଏ ଖଜୁରୀ ବାଡ଼ି ଥିଲା । ଏହିପରି ଭାବରେ ରସୁଲୁଲ୍ଲାଃ ସ ଆ ସ ମୁସଲେମା କଜ୍ଜାବ ସମ୍ମୁଖରେ ଛିଡ଼ା ହୋଇ କହିଲେ : ଯଦି ତୁ ମୋଠାରୁ ଏହି ବାଡ଼ି ଖଣ୍ଡକ ବି ମାଗିବୁ ତାହେଲେ ମୁଁ ଏହା ମଧ୍ୟ ତତେ ଦେବିନାହିଁ ଏବଂ ତୁ ଅଲ୍ଲାଃଙ୍କ ନିଷ୍ପତିରୁ ଆଗକୁ ଯାଇପାରିବୁ ନାହିଁ । ଯଦି ତୁ ପଛକୁ ଫେରିଚାଲିଯାଉ ତାହେଲେ ଅଲ୍ଲାଃ ତୋ ଚେର କାଟିଦେବେ । ମୁଁ ଦେଖୁଅଛି ଯେ ତୁମେ ହେଉଛ ସେହି ବ୍ୟକ୍ତି ଯାହାକୁ ମତେ ସ୍ୱପ୍ନରେ ଦେଖାଇଦିଆଯାଇଥିଲା । ଇଏ ହେଉଛନ୍ତି ସାବିତ୍ ବିନ୍ କୈସ୍ ଯିଏ ମୋ ତରଫରୁ ତୁମକୁ ଉତର ଦେବେ । ପୁଣି ତାପରେ ନବି କରିମ୍ ସ ଆ ସ ତାକୁ ସେଠାରେ ଛାଡ଼ି ଲେଉଟି ଚାଲି ଆସିଲେ । ଏହା ବୁଖାରୀର ରିଓ୍ୱାୟତ୍ **(ସହି ବୁଖାରୀ କିତାବୁଲ୍ ମଗାଜି , ବାବ୍ ଓ୍ୱଫଦି ବନି ହନିଫା ଓ୍ୱ ସମାମା ବିନ୍ ଉସାଲି, ରିଓ୍ୱାୟତ୍ ନଂ-୪୩୭୩)**

ହଜରତ୍ ଇବ୍‌ନେ ଅବ୍‌ବାସ ର ଅ ବର୍ଣ୍ଣନା କରନ୍ତି ଯେ ମୁଁ ରସୁଲୁଲ୍ଲାଃ ସ ଅ ସ ଙ୍କ ସେହି ଆଦେଶ "ଅର୍ଥାତ୍ ହେ ମୁସଲେମା କଜ୍ଜାବ୍ ! ମୁଁ ମୁଁ ତ ତୁମକୁ ସେହି ଲୋକ ଭାବରେ ବିବେଚନା କରେ, ଯାହା ମତେ ସ୍ୱପ୍ନରେ ଦେଖାଇଦିଆଯାଇଥିଲା"ସମ୍ବନ୍ଧରେ ହଜରତ ଅବୁ ହୁରୈରାଃ ର ଅ ଙ୍କୁ ପ୍ରଶ୍ନ କଲି , ହଜରତ ଅବୁ ହୁରୈରାଃ ର ଅ ମତେ କହିଲେ, ରସୁଲୁଲ୍ଲାଃ ସ ଅ ସ କହିଲେ ଏକଦା ମୁଁ ଶୋଇଥିଲି ଓ ସେହି ସମୟରେ ମୁଁ (ସ୍ୱପ୍ନରେ) ଦେଖିଲି ଯେ ମୁଁ ଦୁଇଟି ସୁବର୍ଣ୍ଣ କଙ୍କଣ ମୋ ହାତରେ ପିନ୍ଧିଛି । ଏପରି ଅବସ୍ଥା ମତେ ଚିନ୍ତାରେ ପକାଇଦେଲା । ରସୁଲୁଲ୍ଲାଃ ସ ଅ ସ କହିଲେ ମୁଁ ସ୍ୱପ୍ନରେ ସୁନା କଙ୍କଣ ପିନ୍ଧିଥିବାର ଦେଖିଲି ଓ ଏକଥା ମତେ ଚିନ୍ତାରେ ପକାଇଦେଲା । ପୁନଶ୍ଚ ମତେ ସ୍ୱପ୍ନରେ ଐଶିବାଣୀ ହେଲା ଯେ ସେଗୁଡ଼ିକ ଉପରେ ଫୁଙ୍କ ମାର । ସୁତରାଂ ମୁଁ ସେଗୁଡ଼ିକ ଉପରେ ଫୁଙ୍କ ମାରିଲି ଓ ଫୁଙ୍କ ମାରିବା ଫଳରେ ସେଗୁଡ଼ିକ ଉଡ଼ିଗଲେ । ମୁଁ ଏହି ସ୍ୱପ୍ନର ତାତ୍ପର୍ଯ୍ୟ ବାହାର କଲି ଯେ, ଏହା ହେଉଛି ଦୁଇଜଣ ମିଥ୍ୟାବାଦୀ । ଯେଉଁମାନେ ମୋ ପରେ ମୁଣ୍ଡ ଟେକିବେ । ରାଓ୍ୱି ଉବୈଦୁଲ୍ଲାଃ କହିଲେ , ସେମାନଙ୍କ ମଧ୍ୟରେ ଜଣେ ଥିଲା ସେହି ଅନସି ଯାହାକୁ ଫିରୋଜ୍ ୟମନ୍ ରେ ମାରିଦେଇଥିଲା । ଏବଂ ଦ୍ୱିତୀୟ ଜଣକ ଥିଲା ମୁସଲେମା କଜ୍ଜାବ୍ । ଏହା ବି ବୁଖାରିର ହଦିସ ଅଟେ । **(ସହି ବୁଖାରୀ କିତାବୁଲ୍ ମଗାଜି , ବାବ୍ ଓ୍ୱଫଦି ବନି ହନିଫା ଓ୍ୱ ହଦିସି ସମାମା ବିନ୍ ଉସାଲି, ରିଓ୍ୱାୟତ୍ ନଂ-୪୩୭୪)(ସହି ବୁଖାରୀ କିତାବୁଲ୍ ମଗାଜି , ବାବ୍ କିସ୍‌ସତୁଲ୍ ଅସଓ୍ୱଦି ଅନସି ରିଓ୍ୱାୟତ୍ ନଂ-୪୩୭୯)**

ତେବେ ସେ ଯାହା ହେଉ ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ମୁସୈଲେମା ବିନ୍ କଜାବ୍ ଏକାଧିକଥର ମଦିନା ଆସିଥିଲା । ପ୍ରଥମ ଥି ସେତ ବେଳେ ଆସିଥିଲା ଯେତେବେଳେ ତା ସମ୍ପ୍ରଦାୟର ଲୋକମାନେ ତାକୁ ନିଜ ସାମଗ୍ରୀର ସୁରକ୍ଷା ଦାୟିତ୍ୱରେ ମୁତୟନ କରି ପଛରେ ଛାଡ଼ି ଆସିଥିଲେ ଯଦ୍ୱାରା ତାହାର ସାକ୍ଷାତ ହଜୁର ସ ଆ ସଙ୍କ ସହିତ ହୋଇପାରିନଥିଲା । କିନ୍ତୁ ଦ୍ୱିତୀୟ ଥର ସେତେବେଳେ, ଯେତେବେଳେ କି ସେ ମଦିନା ଆସିଥିଲା ଏବଂ ହଜୁର ସ ଆ ସଙ୍କ ସହିତ ତାହାର ସାକ୍ଷାତ ବି ହୋଇଥିଲା ଏବଂ ସେ ହଜୁର ସ ଆ ସଙ୍କ ଉତରାଧିକାରୀ ହେବାପାଇଁ ନିଜର ଡ଼ିମାଣ୍ଡ କରିଥିଲା । ଏଥିସଂକ୍ରାନ୍ତରେ ସହି ବୁଖାରୀର ବ୍ୟାଖ୍ୟା ସରାହ୍ ଫତହୁଲ୍‌ବାରୀରେ ଉଲ୍ଲେଖ ରହିଛି ,ଯେ ସମ୍ଭବତଃ ମୁସଲେମା ଦୁଇଥର ମଦିନା ଆସିଥିବ । ପ୍ରଥମ ଥର, ଯେତେବେଳେ ସେ ବନୁ ହନିଫାର ପ୍ରମୁଖ ଅର୍ଥାତ୍ ସେହି ଗୋଷ୍ଠୀର ସେ ମୁଖିଆ ନଥିଲା ବରଂ ବନୁ ହନିଫାର ପ୍ରମୁଖ ବ୍ୟକ୍ତିମାନଙ୍କ ମଧରୁ ଆଉ କିଏ ମୁଖିଆ ଥିଲେ, ଯେ କି ମୁସୈଲେମାକୁ ନିଜ ଅଧିନରେ ରଖିଥିଲେ ଏବଂ ତାକୁ ସେମାନେ ନିଜ ପଛରେ ନିଜ ସାମଗ୍ରୀର ସୁରକ୍ଷା ଦାୟିତ୍ୱରେ ମୁତୟନ କରି ଆସିଥିଲେ । ଆଉ ଦ୍ୱିତୀୟ ଥର ସେ ସେତେବେଳେ ଆସିଥିଲା ଯେତେବେଳେ ଲୋକମାନେ ତା ଅଧିନରେ ଥିଲେ । ସେ ଆସି ହଜୁର ସ ଆ ସଙ୍କ ସହିତ ସାକ୍ଷାତ କଲା ଓ କଥାବାର୍ତା ବି କରିଥିଲା । ସମ୍ଭବତଃ ଏହା ଗୋଟିଏ ଘଟଣା ହୋଇଥିବ ଏବଂ ସେ ସ୍ୱଇଚ୍ଛାରେ ନିଜର ଅଂହକାର ଓ ଗର୍ବ ଦେଖାଇ ହଜୁର ସ ଆ ସଙ୍କ ନିକଟରେ ହାଜିର୍ ହୋଇଥିବ କିନ୍ତୁ ହଜୁର ସ ଆ ସ ନିଜର ସ୍ୱଭାବ ମୁତାବକ କାହାରିକୁ କଷ୍ଟ ନଦେବାର ଅଭ୍ୟାସରେ ବସିଭୂତ ହୋଇ ତା ସହିତ ଉତମ ଆଚରଣ ପ୍ରଦର୍ଶନ କରିଥିଲେ । ପୁଣି ହଦିସ୍‌ରେ ମଧ ଏହା ଉଲ୍ଲେଖ ରହିଛି ଯେ ସେ ଏକ ସଂଖ୍ୟାଗରିଷ୍ଠ ଦଳ ସହିତ ଆସିଥିଲା । କୁହାଯାଏ ଯେ ସେ ୭୦ଜଣ ଲୋକମାନଙ୍କ ସହିତ ଆସିଥିଲା । ଏହା ହେଉଛି ମୁସୈଲେମାର ଏକାଧିକଥର ମଦିନା ଆସିବାର ପ୍ରମାଣ । **(ଉଦ୍ଧୃତ ଫତହଲ୍ ବାରି , ସରହ୍ ସହି ବୁଖାରୀ ଲେ ଇବନେ ହଜର୍ ,ଖ-୦୮, ପୃ-୧୧୨ , ରିଓ୍ୱାୟତ୍ ନଂ-୪୩୭୩ କଦିମି କୁତୁବ୍ ଖାନା ଆରାମ୍ ବାଗ୍ କରାଚି)**

ସେ ଯାହା ହେଉ ଯେତେବେଳେ ଏହି ପ୍ରତିନିଧି ଦଳ ୟମାମାରେ ପଂହଚିଲା , ସେତେବେଳେ ଅଲ୍ଲାଃ ତାଲାଙ୍କ ଶତ୍ରୁ ମୁସୈଲେମା ମୁରତଦ୍ ହୋଇଗଲା ଅର୍ଥାତ୍ ଧର୍ମରୁ ଓହରି ଗଲା ଏବଂ ମିଥ୍ୟା ଅବତାରତ୍ୱର ଦାବି କଲା ତଥା କହିଲା ମୋତେ ବି ଆଁହଜରତ୍ ସ ଆ ସଙ୍କ ସହିତ ନବୁଓ୍ୱତ୍ ରେ ସାମିଲ୍ କରିଦିଆଯାଇଅଛି ।

ମୁସୈଲେମା ନିଜ ଅନୁଗାମୀମାନଙ୍କୁ ପଚାରିଲା ଯେତେବେଳେ ତୁମେ ହଜୁର ସ ଆ ସଙ୍କ ନିକଟରେ ମୋର ଚର୍ଚ୍ଚା କଲ ସେତେବେଳେ ସେ କଣ ଏକଥା କହି ନଥିଲେ ଯେ ସେ (ଅର୍ଥାତ୍ ମୁଁ ମୁସେଲିମାଃ) ମାନମର୍ଯ୍ୟାଦା ଦୃଷ୍ଟିରୁ ମନ୍ଦ ବ୍ୟକ୍ତି ନୁହେଁ ? ହଜୁର ସ ଆ ସ ଏହା କେବଳ ଏଥିପାଇଁ କହିଥିଲେ ଯେ, ଆପଣମାନେ ଜାଣିଥିଲେ କି ହଜୁର ସ ଆ ସ ହେଉଛନ୍ତି ନବି ଅର୍ଥାତ୍ ଈଶ୍ୱରଙ୍କର ଅବତାର ଓ ବନୁ ହନିଫା ଏହା ଜାଣିଥିଲା ଯେ ମତେ ବି ହଜୁର ସ ଆ ସ ଙ୍କ ସହିତ ଏହି ନବୁଓ୍ୱତରେ ସାମିଲ୍ କରିଦିଆଯାଇଛି । (ଅର୍ଥାତ୍ ମୁସୈଲେମା ଯିଏ ବାସ୍ତବରେ ଅବତାର ନଥିଲା କିନ୍ତୁ ସେ ଲୋକମାନଙ୍କୁ କହିଲା ଯେ ମୋତେ ମଧ ହଜୁର ସ ଆ ସଙ୍କ ପ୍ରସଙ୍ଗରେ ଅର୍ଥାତ ଅବତାରତ୍ୱରେ ସାମିଲ କରିନିଆଯାଇଛି ଏବଂ ସେ ମିଥ୍ୟାବାଦୀ ନବୀ ହେବାର ଦାବି କରିଥିଲା ) ଏତଦ୍‌ପରେ ମୁସୈଲେମା ନିଜର ମନଗଢା ଧର୍ମ ବିଧାନ ପ୍ରଚାର କରିବା ଆରମ୍ଭ କରିଦେଲା ଏବଂ ଚତୁରତା ଅବଲମ୍ବନ କରି ଲୋକମାନଙ୍କ ପାଇଁ ପବିତ୍ର କୁର୍‌ଆନ୍ କୁ ନକଲ କରି ଉପସ୍ଥାପନ କଲା । ବିଧର୍ମୀ ଲୋକମାନଙ୍କ ପାଇଁ ନମାଜକୁ ଛାଡ଼ କରାଇଦେଲା । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ସେ ଦୁଇ ନମାଜ ଅର୍ଥାତ ଇଶା ଓ ଫଜର୍ ନମାଜକୁ ଉଚ୍ଛେଦ କରିଦେଇଥିଲା । ସେହିପରି ଲୋକମାନଙ୍କ ପାଇଁ ମଦ୍ୟପାନ ଓ ବ୍ୟଭିଚାରକୁ ବୈଧ୍ୟ ବୋଲି ଘୋଷଣା କଲା । ତତ୍‌ସହିତ ସେ ଏହା ବି ସାକ୍ଷ୍ୟ ଦେଇଥିଲା ଯେ, ହଜୁର ସ ଆ ସ ନବୀ ଅଟନ୍ତି । ସୁତରାଂ ବନୁ ହନିଫା ତା'ର ଏହି କଥା ଉପରେ ସମ୍ମତି ପ୍ରକାଶ କରିଥିଲେ । **(ଉଦ୍ଧୃତ ସୁବୁଲୁଲ୍ ହୁଦା ଓ୍ୱର୍ ରଶାଦ୍ ଖ-୩୭ ଫି ଓ୍ୱଫଦି ନବି....ଖ-୦୬, ପୃ-୩୨୬ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ୧୯୯୩)(ଉଦ୍ଧୃତ ତାରିଖୁଲ୍ ତିବରୀ , ଖ-୦୨, ପୃ-୨୭୧ ,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୯୮୭)**

ମୁସୈଲେମାର ସୈନ୍ୟ ଶକ୍ତି ବୃଦ୍ଧି ଘଟିବାରେ ବିଶେଷ କାରଣ ଏହା ରହିଥିଲା ଯେ ମୁସୈଲେମା ୟମାମାର ଅଧିବାସୀ ରଜ୍ଜାଲ୍ ବିନ୍ ଉନ୍‌ଫୁଆଃ ସହିତ ମିଳିତ ହୋଇଯିବା । ଏହି ରଜାଲ୍ ବିନ୍ ଉନଫୁଆଃ ୟମାମାର ଅଧିବାସୀ ଥିଲା ଏବଂ ବନି ହନିଫା ସହିତ

ମଦିନା ଆସିଥିଲା । ହିଜରତ୍ କରି ଅର୍ଥାତ ପ୍ରବାଶ କରି ସେ ହଜୁର ସ ଆ ସଙ୍କ ନିକଟକୁ ମଦିନା ଆସିଯାଇଥିଲା । ମଦିନାଠାରେ ହିଁ ସେ ପବିତ୍ର କୁର୍ଆନ୍ ପାଠ କରିଥିଲା ଏବଂ ଧାର୍ମିକ ଶିକ୍ଷା ପ୍ରାପ୍ତ କଲା ।

ଯେତେବେଳେ ମୁସୈଲେମା ମୁରତଦ୍ ହୋଇଗଲା ଅର୍ଥାତ୍ ସ୍ୱଧର୍ମରୁ ଓହରି ଗଲା ସେତେବେଳେ ହଜୁର ସ ଆ ସ ରଜ୍ଜାଲ୍ କୁ ୟମାମା ଅଭିମୁଖେ ମୁଅଲ୍ଲିମ୍ (ଅର୍ଥାତ ଶିକ୍ଷକ) ଭାବରେ ପ୍ରେରଣ କରିଥିଲେ ଏବଂ ଲୋକମାନେ କିପରି ମୁସଲେମାର ଆଜ୍ଞାବହତା ସ୍ୱୀକାର ନକରିବେ, ସେଥିପ୍ରତି ଲୋକମାନଙ୍କୁ ଅବଗତ କରିବା ପାଇଁ ପଠାଇଥିଲେ କିନ୍ତୁ ରଜାଲ୍ ମୁସୈଲେମା ଅପେକ୍ଷା ଅଧିକ ଫିତନା (ବିଭ୍ରାଟ ଓ ଉପଦ୍ରବ) ର କାରଣ ସାଜିଥିଲା ।

ଯେତେବେଳେ ସେ ଦେଖିଲା ଯେ ଲୋକମାନେ ମୁସଲେମାର ଆଜ୍ଞାବହତା ସ୍ୱୀକାର କରିଚାଲିଛନ୍ତି , ସେତେବେଳେ ସେ ସେହି ଲୋକମାନଙ୍କ ନଜରରେ ନିଜକୁ ଭଲେଇ ଦେଖେଇ ହେବାପାଇଁ ସେମାନଙ୍କ ସହିତ ମିଶିଗଲା । ତାକୁ ଏଇଥିପାଇଁ ପଠାଯାଇଥିଲା ଯେ ସେ ଯାଇ ସେହି ଲୋକମାନଙ୍କୁ ସୁଧାରିବ ଓ ବିଶୃଙ୍ଖଳାକୁ ଦୂରକରିବ କିନ୍ତୁ ସେ ଯାଇ ମୁସଲେମା ସହିତ ମିଶିଗଲା । ଏବଂ ମୁସୈଲେମାର ମିଥ୍ୟା ଅଭିସନ୍ଧି ମୂଳକ ଅବତାରତ୍ୱକୁ ସ୍ୱୀକାର କରିବା ସହିତ ଗୋଟିଏ ମିଛ କଥା ନିଜଆଡୁ ଗଢି ସେହିକଥା ରସୁଲୁଲ୍ଲାଃ ସ ଆ ସ କହିଛନ୍ତି ବୋଲି ମିଛରେ ପ୍ରକାଶ କରିଦେଲା ଯେ, ରସୁଲୁଲ୍ଲାଃ ସ ଆ ସ ଅବତାରତ୍ୱରେ ମୁସୈଲେମାକୁ ସାମିଲ କରିଛନ୍ତି । ଏକଥାକୁ ସେ ପ୍ରଚାର କରିଦେଲା । ସେ ପବିତ୍ର କୁରଆନର ଶିକ୍ଷା ତ ହାସଲ କରିଥିଲା ତେଣୁ ୟମାମା ବାସୀ ତା କଥାକୁ ବିଶ୍ୱାସ ବି କରିନେଲେ । ସୁତରାଂ ଯେତେବେଳେ ୟମାମାର ଅଧିବାସୀମାନେ ଏହା ଅବଲୋକନ କଲେ ଯେ, ଏଭଳି ଜଣେ ବ୍ୟକ୍ତି, ଯିଏ ମୁସୈଲେମା କଜାବ୍‌ର ନବୁଓ୍ୱତ୍‌ର ସାକ୍ଷ୍ୟ ଦେଉଅଛି ଓ ହଜୁର ସ ଆ ସଙ୍କ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଲୋକମାନଙ୍କୁ ପବିତ୍ର କୁରଆନ୍ କରିମ୍‌ର ଶିକ୍ଷା ସହିତ ଅବଗତ କରାଉଛି, ସେତେବେଳେ ସେହି ସରଳ ଓ ନିରୀହ ଜନତା ମୁସୈଲେମା ବିନ୍ କଜାବ୍‌ର ଅବତାରତ୍ୱକୁ ପ୍ରତ୍ୟାଖ୍ୟାନ କରିବାର କୌଣସି ବାଟ ପାଇନଥିଲେ । ଅତଏବ ଲୋକମାନେ ବିପୁଳ ସଂଖ୍ୟାରେ ମୁସୈଲେମା ବିନ୍ କଜାବ୍ ନିକଟକୁ ଆସି ବୟତ କରିଥିଲେ ।**(ଉଦ୍ଧୃତ ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହେକଲ୍ (ମୁତରଜିମ୍) ପୃ-୧୮୭-୧୮୮)(ତାରିଖ୍ ଇବନେ ଖୁଲଦୁନ୍ , ଖ-୨, ପୃ-୪୩୭-୪୩୮, ଖବର୍ ମୁସଲେମାଃ ଓ୍ୱଲ୍ ୟମାମାଃ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୬)**

ମୁସୈଲେମା ବିନ୍ କଜାବ୍ ରସୁଲୁଲ୍ଲାଃ ସ ଆ ସଙ୍କ ନିକଟକୁ ଏକ ପତ୍ର ମଧ୍ୟ ଲେଖିଥିଲା ଯାହାର ମୂଳ ଲେଖା ଏପରି ଥିଲା: ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହ ମୁସୈଲେମାଃ ତରଫରୁ ଏହି ଚିଠି ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସଙ୍କ ନିକଟକୁ ଲେଖାଯାଉଅଛି । ଅମ୍ମାବାଦ୍ , ଅଧା ଜମି ଆମର ଓ ଅଧା ଜମି କୁରୈଶ୍‌ର ଅଧିକାର ଭୁକ୍ତ ରହିବ କିନ୍ତୁ କୁରୈଶ୍‌ମାନେ ନ୍ୟାୟ କରୁନାହାନ୍ତି ।

ପ୍ରତ୍ୟୁତରରେ ହଜୁର ସ ଆ ସ ମୁସୈଲେମାକୁ ପତ୍ର ଲେଖି ଜଣାଇଦେଲେ ଯେ ବିସମିଲ୍ଲାହିର୍ ରହମାନିର୍ ରହିମ୍ । ଏ ଚିଠି ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସଙ୍କ ତରଫରୁ ମୁସୈଲେମା କଜ୍ଜାବ୍ (ଅର୍ଥାତ୍ ମିଥ୍ୟାବାଦୀ ମୁସଲେମାଃ)ନିକଟକୁ ଲେଖାଯାଉଅଛି । ଅମ୍ମାବାଦ୍ ନିଃସନ୍ଦେହ ରୂପେ ଅଲ୍ଲାଃ ତାଲାଙ୍କର ହିଁ ସମଗ୍ର ଭୁଖଣ୍ଡ । (ସେହି ଅଲ୍ଲାଃ ହିଁ ସମଗ୍ର ଭୁଖଣ୍ଡର ଅଧିକାରୀ) ସେ ନିଜ ଭକ୍ତମାନଙ୍କ ମଧ୍ୟରୁ ଯାହାକୁ ଚାହିଁବେ ତାକୁ ଉକ୍ତ ଭୂଖଣ୍ଡର ଅଧିକାରୀ କରିଦେବେ । ଶେଷ ପରିଣତି ଧର୍ମ ପରାୟଣ ଲୋକମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ଏବଂ ସେହି ଲୋକ ଉପରେ ଶନ୍ତି ବିରାଜମାନ୍ ହେଉ ଯିଏ ଅଲ୍ଲାଃ ତାଲାଙ୍କ ମାର୍ଗଦର୍ଶୀକାକୁ ଅନୁକରଣ କରିଥାଏ । (ଅର୍ଥାତ୍ ଅଲ୍ଲାଃ ତାଲା ସେମାନଙ୍କ ପ୍ରତି ଶାନ୍ତି ଅବତୀର୍ଣ୍ଣ କରନ୍ତି ଯେଉଁମାନେ ମୁତତକୀ , ଧର୍ମପରାୟଣ )**(ଫୁତୁହୁଲ୍ ବୁଲଦାନ୍ ଲିଇମାମ୍ ଅବୁଲ୍ ହସନ୍ ଅହମଦ୍ ବିନ୍ ୟହୟା ଅଲବଲାଜରୀ ପୃ-୫୯-୬୦ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦)**

ଅଉ ଏକ ରିଓ୍ୱାୟତ୍ ରେ ଉଲ୍ଲେଖ ରହିଛି ଯେ ହଜୁର ସ ଆ ସଙ୍କର ସେହି ପତ୍ରଟି ହବିବ୍ ବିନ୍ ଜୈଦ୍ ଅନ୍‌ସାରବୀ ମୁସଲେମାଃ କଜ୍ଜାବ୍ ନିକଟକୁ ନେଇ ଯାଇଥିଲେ । ଯେତେବେଳେ ସେ ସେହି ପତ୍ରଟିକୁ ମୁସୈଲେମା ବିନ୍ କଜ୍ଜାବକୁ ପ୍ରଦାନ କଲେ ସେତେବେଳେ ମୁସୈଲେମା ତାଙ୍କୁ କହିଲା ଯେ କଣ ତୁମେ ଏହି କଥାର ସାକ୍ଷ୍ୟ ଦେଉଅଛ ଯେ, ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ହେଉଛନ୍ତି ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହ ? ସେ ଉତର ଦେଲେ ହଁ ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କୁ ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହ ବୋଲି ସାକ୍ଷ୍ୟ ଦେଉଅଛି ଏବଂ ସ୍ୱୀକାର କରୁଛି । ପୁଣି ମୁସୈଲେମାପଚାରିଲା ଯେ କଣ ତୁମେ ଏକଥାର ସାକ୍ଷ୍ୟ ଦେଉଛ ଯେ ମୁଁ ହେଉଛି ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହ? ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଉତରରେ କହିଲେ ମୁଁ ହେଉଛି ଜଣେ ବଧିର ବ୍ୟକ୍ତି । ମତେ କିଛି ଶୁଭେନାହିଁ । ଏହିପରି କହି ସେ କଥାକୁ ଟାଳି ଦେଇଥିଲେ । ମୁସୈଲେମା ଏହା ଚାହୁଁଥିଲା ଯେ ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଏହା ସ୍ୱୀକାର କରିନିଅନ୍ତୁ ଯେ ସେ ବି ହେଉଛି ପ୍ରଭୁଙ୍କ ଅବତାର । ମୁସଲେମାଃ ବାରମ୍ବାର ବାରମ୍ବାର ଏକଥାକୁ କହିଚାଲୁଥିଲା ଅର୍ଥାତ ପଚାରୁ ଥିଲା କିନ୍ତୁ ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ସେହି ଉତର ଦେଉଥିଲେ । ଯେତେବେଳେ ମୁସୈଲେମା କଜାବ୍‌କୁ ନିଜ ପ୍ରଶ୍ନର ଆଶାନୁରୂପ ଉତର ମିଳୁନଥିଲା ସେତେବେଳେ ସେ ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଙ୍କ ଶରିରର ଗୋଟିଏ ଅଙ୍ଗକୁ କାଟି ଦେଉଥିଲା । ସେ ଏଇଥିପାଇଁ ଏପରି କରୁଥିଲା ଯେ କାଳେ ଏମିତି କଷ୍ଟ ଦେବା ଦ୍ୱାରା ସେ ମାନିନେବେ । କିନ୍ତୁ ହଜରତ ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଧୈର୍ଯ୍ୟ ଓ ସାହସର ଅବିଚଳ ପର୍ବତ ସଦୃଶ ଦଣ୍ଡାୟମାନ ଥିଲେ । ଏପରିକି ମୁସୈଲେମା ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଙ୍କୁ ଖଣ୍ଡ ଖଣ୍ଡି କରି କାଟିପକାଇଥିଲା । ତା ସମ୍ମୁଖରେ ହବିବ୍ ବିନ୍ ଜୈଦ୍ ଅନସାରୀ ର ଅ ଶହୀଦ ହୋଇଯାଇଥିଲେ । **(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ , ଶଖ୍‌ସିୟତ୍ ଅଓର୍ କାରନାମେ ଅଜ୍ ସଲାବୀ ପୃ-୩୪୯)**

ମୁସୈଲେମା ୟମାମାରେ ବିଦ୍ରୋହର ଧ୍ୱଜାକୁ ଉଠାଇଦେଇଥିଲା ।

ଏବେ ଏହା କେବଳ ନବୁଓ୍ୱତ୍‌ର ଦାବି ନଥିଲା ବରଂ ସେ ଅତ୍ୟାଚାର କରିଥିଲା । ସେ କିପରି ନିଜକୁ ନିଜେ ନବି ବୋଲି କହିଚାଲିଥିଲା , ତାକୁ ନମାନୁଥିବା ଲୋକମାନଙ୍କୁ ସେ କିପରି ବ୍ୟବହାର କରିଥିଲା । ଉଦାହରଣ ସ୍ୱରୂପ ସେ ସନ୍ଦେଶ ନେଇ ଆସିଥିବା ଜଣେ ସନ୍ଦେଶବାହକ ପ୍ରତି ଏଭଳି ଅନ୍ୟାୟ ଓ ଅତ୍ୟାଚାର ମୂଳକ ବର୍ବର କାଣ୍ଡ ମଧ ଭିଆଇଥିଲା । ତାକୁ ଯେଉଁମାନେ ନବୀ ରୂପେ ସ୍ୱୀକାର କରୁନଥିଲେ ସେମାନଙ୍କୁ ସେ ଅତ୍ୟନ୍ତ ନିର୍ମମ ଭାବରେ ଶହୀଦ କରିଦେଉଥିଲା । ମୁସୈଲେମା ୟମାମାଠାରେ ବିଦ୍ରୋହର ବାନା ଉଡ଼ାଇଥିଲା ଏବଂ ୟମାମାରେ ହଜୁର ସ ଆ ସଙ୍କ କର୍ମଚାରୀ ହଜରତ ସମାମା ବିନ୍ ଉସାଲ୍‌ଙ୍କୁ ବାହାର କରିଦେଇଥିଲା । **(ହଜରତ୍ ଅବୁବକର୍ ସିଦ୍ଦିକ୍ ଅକବର୍ ଅଜ୍ ମୁହମ୍ମଦ୍ ହୁସୈନ୍ ହେକଲ୍ ମୁତରଜିମ୍ ଶେଖ୍ ମୁହମ୍ମଦ୍ ଅହମଦ୍ ପାନିପତି, ପୃ-୧୦୧ ଇଲମ୍ ଓ୍ୱ ଇରଫାନ୍ ପବ୍ଲିସର୍ ଲାହୋର୍ ୨୦୦୪)(ତାରିଖୁଲ୍ ଖମିସ୍ , ଖ-୦୩ , ପୃ-୮୧, କିସ୍‌ସା ସଜାହ୍ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୯)**

ଯେତବେଳେ ହଜୁର ସ ଆ ସଙ୍କର ସ୍ୱର୍ଗବାସ ହେଲା ଏବଂ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ବିଧର୍ମୀମାନଙ୍କ (ମୁଳୋତ୍ପାଟନ ନିମନ୍ତେ) ବିଭିନ୍ନ ସୈନ୍ୟଦଳ ପ୍ରେରଣ କଲେ, ସେତେବେଳେ ସେ ହଜରତ୍ ଅକ୍‌ରମାଃ ର ଅଙ୍କ ନେତୃତ୍ୱରେ ମୁସୈଲେମା ଆଡ଼କୁ ଏକ ସୈନ୍ୟଦଳ ପ୍ରେରଣ କରିଥିଲେ ଏବଂ ସେହି ସୈନ୍ୟଦଳକୁ ସାହାଯ୍ୟ କରିବାପାଇଁ ସେମାନଙ୍କ ପଛେ ପଛେ ହଜରତ ଶୁର୍‌ହବିଲ୍ ବିନ୍ ହସନାଃ ର ଅଙ୍କୁ ମଧ୍ୟ ପ୍ରେରଣ କରିଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଅକ୍‌ରମା ର ଅଙ୍କୁ ଏହି ତାଗିଦ୍ କରିଥିଲେ ଯେ, ଶୁର୍‌ହବିଲ୍ ବିନ୍ ହସନାଃ ର ଅଙ୍କ ପହଂଚିବା ପୂର୍ବରୁ ମୁସୈଲେମା ସହିତ ଯୁଦ୍ଧ ଆରମ୍ଭ କରିବନାହିଁ । କିନ୍ତୁ ହଜରତ ଇକ୍‌ରମା ର ଅ ଶିଘ୍ରତା ଅବଲମ୍ବନ କରିଥିଲେ କାରଣ ସେ ସଫଳତାର ଶ୍ରେୟ ନିଜ ପାଇଁ ନେବାକୁ ଚାହୁଁଥିଲେ କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ କଥା ଅବମାନନା କରିବା ଯୋଗୁଁ ସେ ହଟହଟା ହୋଇଥିଲେ,ଫଳତଃ ସେ ପରାଜୟର ସମ୍ମୁଖିନ ହୋଇଥିଲେ । ମୁସଲେମାର ସୈନ୍ୟ ବହୁତ ବଡ଼ ଥିଲା । ହଜରତ ଶୁର୍‌ହବିଲ୍ ବିନ୍ ହସନାଃ ର ଅଙ୍କୁ ଯେବେ ଏହି ଘଟଣା ଜଣାପଡ଼ିଲା , ସେ ରାସ୍ତାରେ ହିଁ ରହିଗଲେ । ସୁତରାଂ ହଜରତ୍ ଅକରମା ର ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ପତ୍ର ଲେଖି ଜଣାଇଲେ ଯେ ଏପରି ହୋଇଛି । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ଲେଖି ଜଣାଇଲେ ଯେ ମୁଁ ତୁମର ଚେହେରା ଦେଖିବାକୁ ଚାହୁଁନାହିଁ କି ତମେ ବି ମତେ ଦେଖିବ ନାହିଁ । ଅର୍ଥାତ୍ ଅକ୍‌ରମା ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ଏଥିସଂକ୍ରାନ୍ତରେ ପତ୍ର ଲେଖିଲେ ଯାହାର ପ୍ରତିଉତରରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ଆଦେଶ ଦେଇଥିଲେ ଯେ, ମୁଁ ତୁମ ମୁହଁ ଚାହିଁବି ନାହିଁ କାରଣ ତୁମେ ମୋ ନିର୍ଦ୍ଦେଶର ଅବମାନନା କରିଛ । ତେଣୁ ତୁମେ ଏଠାକୁ ଫେରି ଆସିବନାହିଁ ଅନ୍ୟଥା ଲୋକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବ । ଏବେ ତୁମେ ହଜରତ ହୁଜୈଫା ଓ ଅର୍‌ଫଜାଙ୍କ ନିକଟକୁ ଚାଲିଯାଅ ଏବଂ ସେମାନଙ୍କ ସହିତ ମିଶି ଅମ୍ମାନ୍ ଓ ମହରାଃ ର ଲୋକମାନଙ୍କ ସହିତ ଯୁଦ୍ଧ କର । ମହ୍‌ରା ମଧ୍ୟ ଆରବର ଦକ୍ଷିଣରେ ଅବସ୍ଥିତ ପୂର୍ବ ତଟରେ ଭାରତ ମହାସାଗର ଉପକୂଳବର୍ତ୍ତୀ ଏକ ଅଂଚଳ । ସୁତରାଂ ସେଠାରୁ ତୁମେ ନିଜ ସେନା ସହିତ ୟମନ୍ ଓ ହଜ୍‌ରେ ମୌତା ଆଡ଼କୁ ଅଗ୍ରସର ହେବ । ଏବଂ ସେଠାରେ ଯାଇ ତୁମେ ମୁସଲମାନ ସେନା ସହିତ ମିଳିତ ହୋଇଯିବ । ହଜ୍‌ରେ ମୌତ ମଧ୍ୟ ୟମନ୍ ଦେଶର ପୂର୍ବପ୍ରାନ୍ତରେ ଥିବା ଗୋଟିଏ ରାଜ୍ୟ ଯାହାର ଦକ୍ଷିଣପାର୍ଶ୍ୱରେ ସମୁଦ୍ର ରହିଛି ।

ଆଉ ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ପତ୍ରର ଶବ୍ଦ ଏହିପରି ଥିବାର ମିଳିଥାଏ ଯେ, ଶିକ୍ଷକତା ଜଣା ନାହିଁ । ଶିଷ୍ୟ ହେବାକୁ ବି ଡ଼ରୁଅଛ । କ'ଣ ତୁମକୁ ଏତିକି କଥା ବି ଠିକ୍ ଭାବରେ ଜଣାନାହିଁ । ଯୁଦ୍ଧର ଯେଉଁ ଶୈଳୀ ଓ କୌଶଳ ରହିଛି ସେଥିରେ ଯେତେ ମାତ୍ରାରେ ପ୍ରବୀଣ ହେବାକଥା ସେତିକି ବି ତୁମକୁ ଜଣାନାହିଁ ଓ ଏହାକୁ ତୁମୋ ଶିଖିବାକୁ ବି ଚାହୁଁନାହଁ ବରଂ ଘାବେରେଇ ଯାଉଛ । ଯେଉଁ ଦିନ ତୁମେ ମୋ ସହିତ ସାକ୍ଷାତ କରିବ ଦେଖିବ ମୁଁ ତୁମ ସହିତ କିପରି ଆଚରଣ କରୁଛି । ତୁମେ ଶୁରହବିଲ୍ ଙ୍କ ଆସିବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କଲନାହିଁ ? ଯଦି ସେ ଆସିଯାଇଥାନ୍ତେ ତାହାହେଲେ ତୁମେ ତାଙ୍କ ସାହାଯ୍ୟ ସହଯୋଗ କ୍ରମେ ଯୁଦ୍ଧ ଲଢ଼ିଥାନ୍ତ । ବର୍ତମାନ ତୁମେ ହୁଜୈଫାଙ୍କ ନିକଟକୁ ଯାଇ ତାଙ୍କୁ ସାହାଯ୍ୟ କର ।

କାରଣ ବର୍ତମାନ ତୁମେ ଖଲିଫାଙ୍କ ଆଦେଶର ଉଲଘଂନ କରିଅଛ ଏବଂ ନିଜକୁ ନିଜେ ବଡ଼ ଶିକ୍ଷକ ମଣୁଅଛ । ଅଧିକ କିଛି ଶିଖିବାକୁ ଚାହୁଁନାହଁ । ଏବେ ତୁମପାଇଁ ଏତିକି ନିର୍ଦ୍ଦେଶ ଯେ ତମେ ମୋ ନିକଟକୁ ଆସିବନାହିଁ । ଯେବେ ମୋ ସହିତ ସାକ୍ଷାତ କରିବ ଦେଖିବା ସେତେବେଳେ ମୁଁ ତୁମ ପ୍ରସଙ୍ଗରେ କ'ଣ ପଦକ୍ଷେପ ଗ୍ରହଣ କରିବି । ଏବେ ତୁମ ପାଇଁ ଏତିକି ଯେ, ତୁମେ ହୁଜୈଫାଙ୍କ ନିକଟକୁ ଚାଲିଯାଅ ଓ ତାଙ୍କୁ ଯାଇ ସାହାଯ୍ୟ କର । ସେ ଯେଉଁ ଅଭିଯାନରେ ବାହାରିଛନ୍ତି ସେହି ଅଭିଯାନରେ ଯାଇ ତାଙ୍କୁ ସାହାଯ୍ୟ କର । ଯଦି ତାଙ୍କୁ ତୁମର ଆବଶ୍ୟକତା ନଥାଏ ତେବେ ତୁମେ ସେଠାରୁ ୟମନ୍ ଓ ହଜ୍‌ରେ ମୌତା ଆଡ଼କୁ ଚାଲିଯିବ ଏବଂ ମୁହାଜରି ବିନ୍ ଉମୈୟାଙ୍କୁ ଯାଇ ସାହାଯ୍ୟ କରିବ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମୁହାଜିର୍ ବିନ୍ ଉମୈୟାଙ୍କୁ କିନ୍ଦା କବିଲା ସହିତ ମୁକାବିଲାକରିବା ନିମନ୍ତେ ହଜ୍‌ରେ

ମୌତା ଆଡ଼କୁ ପ୍ରେରଣ କରିଥିଲେ । **(ସିରତ୍ ଖଲିଫତୁର୍ ରସୁଲ୍ ସ ଆ ସ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ତାଲିବୁଲ୍ ହାଶମୀ, ପୃ-୨୦୪)(ଉର୍ଦ୍ଦୁ ଦାଏରାଃ ମାଆରିଫେ ଇସଲାମିୟାଃ , ଖ-୨୧, ପୃ-୮୯୮,ଜେରେ ଲଫ୍‌ଜ୍ ମହରାଃ)(ଉର୍ଦ୍ଦୁ ଦାଏରାଃ ମାଆରିଫେ ଇସଲାମିୟାଃ , ଖ-୦୮, ପୃ-୪୦୮,ଜେରେ ଲଫ୍‌ଜ୍ ହଜରେ ମୌତ୍)(ହଜରତ୍ ଅବୁ ବକର୍ କେ ସରକାରୀ ଖୁତୁତ୍ , ପୃ-୨୪,ପ୍ରକାଶିତ ୧୯୬୦)(ଉର୍ଦ୍ଧୃତ ତାରିଖେ ତିବରୀ , ଖ-୦୨, ପୃ-୨୫୭)(ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ଲିଇବନେ ଅସିର୍ ,ଖ-୦୨ ପୃ-୨୧୮-୨୧୯, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬)**

ହଜରତ୍ ଅବୁ ବକର୍ ର ଅ ହଜରତ୍ ଶୁରୈହ୍‌ବିଲ୍ ର ଅ ଙ୍କୁ ଅନ୍ୟ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସେଠାରେ ରହିବାକୁ ନିର୍ଦ୍ଦେଶ ଦେଲା । ପୁନଶ୍ଚ ହଜରତ ଖାଲିଦ ବିନ୍ ୱ୍ଲିଦ୍ ର ଅଙ୍କୁ ୟମାମା ଆଡ଼କୁ ପ୍ରେରଣ କରିବା ପୂର୍ବରୁ ଶୁରହବିଲ୍‌ଙ୍କୁ ପତ୍ର ଲେଖିଥିଲେ ଯେ, ଯେତେବେଳେ ହଜରତ ଖାଲିଦ୍ ତୁମ ନିକଟକୁ ଆସିବେ ଏବଂ ତୁମେ ୟମାମାର ସାହାଯ୍ୟ କାର୍ଯ୍ୟ ସମ୍ପାଦନ କରି ସାରିବ ସେତେବେଳେ ତୁମେ କୁଜାଆ ଆଡ଼କୁ ଅଗ୍ରସର ହେବ ଏବଂହଜରତ୍ ଅମରୋ ବିନ୍ ଆସ୍ ର ଅଙ୍କ ସହିତ ମିଳିତ ହୋଇ କୁଜାଆ ଇଲାକାର ସେହି ବିଦ୍ରୋହୀମାନଙ୍କୁ ଦମନ କରିବ ଯେଉଁମାନେ ବିଧର୍ମୀ ପାଲଟି ଯାଇଛନ୍ତି ଏବଂ ବିରୋଧ ପ୍ରଦର୍ଶନ କରୁଛନ୍ତି । ଅର୍ଥାତ୍ କେବଳ ଇସ୍‌ଲାମ୍‌ର ବିରୋଧପ୍ରଦର୍ଶନ କରୁଛନ୍ତି । **(ଉର୍ଦ୍ଧୃତ ତାରିଖେ ତିବରୀ , ଖ-୦୨, ପୃ-୨୫୭ ପ୍ରକାଶିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

କେବଳ ଅସ୍ୱୀକାର ନୁହେଁ ବରଂ ବିରୋଧ ବି ହୋଇଥିଲା । ହଜରତ ସର୍‌ହବିଲ୍ ମଧ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିର୍ଦ୍ଦେଶ ବିପରୀତ ହଜରତ୍ ଅକ୍‌ରାମ ର ଅଙ୍କ ସଦୃଶ ଶୀଘ୍ରତା ପ୍ରଦର୍ଶନ କରିଥିଲେ ଏବଂ ହଜରତ ଖାଲିଦ ର ଅ ତାଙ୍କ ନିକଟରେ ପହଂଚିବା ପୂର୍ବରୁ ହିଁ ସେ ମୁସଲେମା କଜ୍ଜାବ ଉପରେ ଆକ୍ରମଣ କରିଦେଇଥିଲେ ଯଦ୍ୱାରା ତାଙ୍କୁ ମଧ ପରାଜୟ ବରଣ କରିବାକୁ ପଡ଼ିଥିଲା । ଏଥିରେ ହଜରତ ଖାଲିଦ ର ଅ ତାଙ୍କ ଉପରେ ଭୀଷଣ ରୂପେ କ୍ରୋଧିତ ହୋଇଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ସାହାଯ୍ୟ କରିବାପାଇଁ ହଜରତ ସୁଲୈତ୍ ର ଅଙ୍କ ନେତୃତ୍ୱରେ ଅତିରିକ୍ତ ସୈନ୍ୟ ଟୁକୁଡ଼ି ପ୍ରେରଣ କରିଥିଲେ ଯଦ୍ୱାରା ଏହି ସୈନ୍ୟଦଳ ସେମାନଙ୍କ ପଛେ ପଛେ ଯାଇ ଯେପରି ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବ । **(ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ଲିଇବନେ ଅସିର୍ ,ଖ-୦୨ ପୃ-୨୧୯, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ମୁସଲେମାଃ ଆଡ଼କୁ ପଠାଇଲେ ଏବଂ ତାଙ୍କୁ ସାହାଯ୍ୟ କରିବାପାଇଁ ଓ ତାଙ୍କ ସହିତ ମିଶି ଯୁଦ୍ଧ କରିବା ନିମନ୍ତେ ମୁହାଜିରିନ୍ ଏବଂ ଅନ୍‌ସାର୍‌ମାନଙ୍କର ଗୋଟିଏ ଦଳ ମଧ୍ୟ ପଠାଇଲେ । ହଜରତ୍ ଅବୁ ବକର୍ ର ଅ ଅନସାରମାନଙ୍କ ଉପରେ ହଜରତ୍ ସାବିତ୍ ବିନ୍ କୈସ୍ ର ଅ ଏବଂ ମୁହାଜିର୍‌ମାନଙ୍କ ଉପରେ ହଜରତ୍ ଅବୁ ହୁଜୈଫା ର ଅ ଓ ଜୈଦ୍ ବିନ୍ ଖତାବ୍ ର ଅ ଙ୍କୁ ଅମୀର୍ ଭାବରେ ମୃତୟନ କରିଲେ । ଏହିପରି ଯେତେକ କବିଲା ଥିଲେ ସେମାନଙ୍କ ମଧ୍ୟରେ ପ୍ରତ୍ୟେକ କବିଲା ଉପରେ ଜଣେ ଜଣେ ଲୋକକୁ ନିଗରାନ୍ ଅର୍ଥାତ୍ ନିରିକ୍ଷକ ବନାଇଲେ । ହଜରତ୍ ଖାଲିଦ୍ ର ଅ ବୁତାହ୍ ନାମକ ସ୍ଥାନରେ ସେହି ସୈନ୍ୟ ଦଳକୁ ଅପେକ୍ଷା କରି ରହିଥିଲେ । ବୁତାହ୍ ହେଉଛି ବନି ତମିମ୍ ଇଲାକାରେ ଥିବା ଗୋଟିଏ ସ୍ଥାନର ନାମ । ସେ ଯାହା ହେଉନା କାହିଁକି ଯେତେବେଳେ ସେମାନେ ସମସ୍ତେ ହଜରତ୍ ଖାଲିଦ୍ ର ଅ ଙ୍କ ନିକଟରେ ପହଂଚିଲେ ସେତେବେଳେ ସେ ୟମାମା ଆଡ଼କୁ ଅଗ୍ରସର ହେଲେ । ସେହିଦିନ ବନୁ ହନିଫା ବେଶ୍ ଅଧିକ ସଂଖ୍ୟାରେ ଥିଲେ । ସେମାନଙ୍କ ସୈନ୍ୟ ସଂଖ୍ୟା ପାଖାପାଖି ୪୦ ହଜାର ବିଶିଷ୍ଟ ଥିଲା । ୟମାମାର ଯେଉଁଲୋକମାନେ ମୁସୈଲେମା ସହିତ ମିଳିତ ହୋଇଯାଇଥିଲେ,ଗୋଟିଏ ବର୍ଣ୍ଣନା ଅନୁଯାୟୀ ସେମାନଙ୍କର ସଂଖ୍ୟା ୪୦ ହଜାର ଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେମାନଙ୍କର ସଂଖ୍ୟା ଏକଲକ୍ଷ ଅଥବା ତାଠାରୁ ଅଧିକ ଥିଲା । ଯେବେକି ମୁସଲମାନ୍ ମାନଙ୍କର ସଂଖ୍ୟା କେବଳ ଦଶ ହଜାର୍ ରୁ କିଛିଟା ଅଧିକା ଥିଲା । **(ଅଲବିଦାୟତୁଲ୍ ନହାୟାଃ ,ଖ-୦୩ ଭା-୦୬ ପୃ-୨୬୭, ଦାରୁଲ୍ କୁତୁବୁଲ୍ ଅଲମିୟାଃ)(ଫରହଙ୍ଗ୍ ସିରତ୍, ପୃ-୫୮)**

ସେ ଯାହା ହେଉନା କାହିଁକି ଯେତେବେଳେ ଏହିଯୁଦ୍ଧ ଆରମ୍ଭ ହେବାକୁ ଯାଉଥିଲା , ଏପରି ବଡ଼ ଯୁଦ୍ଧ ଆରମ୍ଭ ପୂର୍ବରୁ ହିଁ ମୁସଲମାନମାନେ ବନୁ ହନିଫାର ଜଣେ ସର୍‌ଦାରକୁ ଗିରଫ କରିନେଇଥିଲେ । ସୁତରାଂ ଗୋଟିଏ ବର୍ଣ୍ଣନା ଅନୁଯାୟୀ ମୁଜାଆ ବିନ୍ ମୁରାରାଃ ଯିଏ କି ବନୁ ହନିଫାର ଜଣେ ସରଦାର ଥିଲା, ଯେତେବେଳେ ସେ ଦଳେ ଲୋକଙ୍କ ସହିତ ବାହାରକୁ ବାହାରିଲା ଅର୍ଥାତ୍ ନିଜ ଦଳର ଲୋକମାନଙ୍କ ସହିତ ବାହାରକୁ ବାହାରି ଆସିଲା,ସେତେବେଳେ ମୁସଲମାନମାନେ ତାଙ୍କୁ ଧରି ନେଇଥିଲେ ଏବଂ ହଜରତ ଖାଲିଦ ର ଅଙ୍କ ନିକଟରେ ତାଙ୍କୁ ଉପସ୍ଥିତ କରାଇଥିଲେ । ହଜରତ ଖାଲିଦ ର ଅ ତା ସାଥିମାନଙ୍କୁ ବଧ କରିଦେଲେ ଏବଂ ମୁଜାଆକୁ ଜୀବିତ ରଖିଲେ । କାରଣ ବନୁ ହନିଫା କବିଲାରେ ତାର ବହୁତ ସମ୍ମାନ ଥିଲା । **(ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ଲିଇବନେ ଅସିର୍ ,ଖ-୦୨ ପୃ-୨୧୯-୨୨୦, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬) (ଉଦ୍ଧୃତ ତାରିଖେ ତିବରୀ ,ଖ-୦୨ ପୃ-୨୭୮, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ଏହାର ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜରତ ଖାଲିଦ ର ଅ ଯେତେବେଳେ ଆରିଜି ସ୍ଥାନରେ ଅବତରଣ କଲେ ସେଠାରୁ ସେ ଦୁଇଶହ ଅଶ୍ୱାରୋହୀଙ୍କୁ ଆଗକୁ ପ୍ରେରଣ କରିଦେଇ ସେମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ତୁମକୁ ଯେ କେହି ମିଳିବେ ତାଙ୍କୁ ଧରି ନେବ । ସେହି ଅଶ୍ୱାରୋହୀମାନେ ବାହାରିଲେ ଏପରିକି ସେମାନେ ମୁଜାଆ ବିନ୍ ମୁରାରାଃ ହନଫିଙ୍କୁ ତା କବିଲାର ତେଇଶି ଜଣ ଲୋକ ସମେତ ଧରି ନେଇଥିଲେ, ସେମାନେ ବନୁ ନମିର୍‌ର ଗୋଟିଏ ଲୋକକୁ ଖୋଜିବା ପାଇଁ ବାହାରିଥିଲେ । ସେମାନେ ବାହାରକୁ ବାହାରିଥିଲେ । ସେମାନଙ୍କୁ ହଜରତ ଖାଲିଦ ର ଅଙ୍କ ଆଗମନର ଖବର ନଥିଲା । ମୁସଲମାନମାନେ ସେମାନଙ୍କୁ ପଚାରିଲେ ତୁମେ କିଏ ? ସେମାନେ ଉତର ଦେଲେ ଆମେ ବନୁ ହନିଫାର ବାସିନ୍ଦା । ଏଥିରେ ମୁସଲମାନମାନେ ବୁଝିଗଲେ ଯେ, ଏମାନେ ବୋଧହୁଏ ମୁସୈଲେମାର ଗୁପ୍ତଚର । ଯେତେବେଳେ ସକାଳ ହେଲା ଓ ଲୋକମାନେ ସାମନା ସାମନି ହେଲେ , ସେତେବେଳେ ମୁସଲମାନମାନେ ସେମାନଙ୍କୁ ଧରି ହଜରତ ଖାଲିଦ ର ଅଙ୍କ ସମ୍ମୁଖରେ ଉପସ୍ଥିତ କରିଦେଲେ । ସେମାନଙ୍କୁ ଦେଖି ହଜରତ ଖାଲିଦ ର ଅ ମଧ୍ୟ ମନେ ମନେ ଏହା ଭାବିଲେ ଯେ, ସେମାନେ ବୋଧହୁଏ ମୁସୈଲେମାର ସନ୍ଦେଶବାହକ ଅଟନ୍ତି । ସୁତରାଂ ହଜରତ୍ ଖାଲିଦ୍ ର ଅ ସେମାନଙ୍କୁ ପଚାରିଲେ ହେ ବନୁ ହନିଫା ! ତୁମେମାନେ ନିଜ ସାହେବ ମୁସୈଲେମା ପ୍ରସଙ୍ଗରେ କଣ କହିବାକୁ ଚାହୁଁଛ ? ସେମାନେ ଉତର ଦେଲେ ଯେ ସେ ହେଉଛି ପରମେଶ୍ୱରଙ୍କ ଅବତାର । ପୁନଶ୍ଚ ହଜରତ ଖାଲିଦ ର ଅ ମୁଜାଆକୁ ପଚାରିଲେ ଯେ ତୁମେ କ'ଣ କହୁଛ ? ସେ ଉତର ଦେଲା ଅଲ୍ଲାଃଙ୍କ ରାଣ ! ମୁଁ ତ ବନୁ ନମିର୍‌ର ଜଣେ ବ୍ୟକ୍ତିଙ୍କ ସନ୍ଧାନରେ ବାହାରିଥିଲି ଯିଏ ଆମ ଗୋଷ୍ଠୀ ଭିତରେ ହତ୍ୟାକାଣ୍ଡ ଭିଆଇଥିଲା । ମୁଁ ମୁସୈଲେମାର ନିକଟତମ ସାଥିମାନଙ୍କ ମଧ୍ୟରୁ ନୁହେଁ । ସେ ଯାହା ହେଉ ନା କାହିଁକି ସେତେବେଳେ ସେ ଭୟଭୀତ ହୋଇ ବା ଅନ୍ୟ କୌଣସି କାରଣରୁ ଏଭଳି ଆଳ କରିଥିଲା । ମୁଁ ହଜୁର ଆ ସଙ୍କ ସେବାରେ ହାଜର ହୋଇଥିଲି ଏବଂ ମୁଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲି । ଏବେ ମଧ ମୁଁ ମୁସଲ୍‌ମାନ ଅବସ୍ଥାରେ ଅଛି । ବାକି ଲୋକମାନଙ୍କୁ ବି ଅଣାଗଲା । ହଜରତ୍ ଖାଲିଦ୍ ର ଅ ସେହି ସମସ୍ତ ଲୋକମାନଙ୍କୁ ହତ୍ୟା କରିଦେଲେ । ସେମାନଙ୍କ ମଧରୁ ଯେତେବେଳେ ଜଣେ ଲୋକ ସାରିୟା ବିନ୍ ମୁସୈଲେମା ବିନ୍ ଆମିର୍ ବାକି ରହିଗଲା, ସେ କହିଲା ହେ ଖାଲିଦ ! ଆପଣ ଯଦି ୟମାମାର ଅଧିବାସୀମାନଙ୍କ ସମ୍ପର୍କରେ କୌଣସି ମଙ୍ଗଳ ଅବା ଅମଙ୍ଗଳ ଭାବୁଛନ୍ତି ତେବେ ମୁଜାଆକୁ ଜୀବିତ ରଖନ୍ତୁ କାରଣ ଏହି ବ୍ୟକ୍ତି ଜଣକ ଯୁଦ୍ଧ ଏବଂ ଶାନ୍ତି ପ୍ରତିଷ୍ଠା ସମୟରେ ଆପଣଙ୍କ ସହାୟକ ସାବ୍ୟସ୍ତ ହେବ । ମୁଜାଆ ଜଣେ ସରଦାର୍ ଥିଲା । ହଜରତ ଖାଲିଦ ର ଅଙ୍କୁ ସାରିୟାଙ୍କର ଏହି କଥା ପସନ୍ଦ ଆସିଥିଲା ଫଳତଃ ସେ ସାରିୟାଙ୍କୁ ମଧ ଜୀବିତ ରଖିଥିଲେ ଏବଂ ମୁଜାଆକୁ ବି ବନ୍ଧ କରିନଥିଲେ । କାରଣ ମୁଜାଆ ବନୁ ହନିଫା କବିଲାର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲା । ସେହି ଦୁହିଁଙ୍କ ପ୍ରସଙ୍ଗରେ ଏ ଆଦେଶ ଦେଲେ ଯେ ଏମାନଙ୍କୁ ଲୁହା ଶିକୁଳିରେ ବାନ୍ଧି ବନ୍ଦି କରିଦିଅ । ହଜରତ୍ ଖାଲିଦ୍ ର ଅ ମୁଜାଆକୁ ଡ଼ାକୁଥିଲେ ଏବଂ ସେ ବେଡିରେ ବନ୍ଧା ଥିବା ଅବସ୍ଥାରେ ହିଁ ତାହା ସହିତ କଥାବାର୍ତା କରୁଥିଲେ । ମୁଜାଆ ମଣୁଥିଲା ଯେ, ହଜରତ ଖାଲିଦ ର ଅ କାଲେ ତାକୁ ହତ୍ୟା କରିଦେବେ । ଯେତେବେଳେ ଦୁହେଁ କଥାବାର୍ତା ହେଉଥିଲେ ସେତେବେଳେ ମୁଜାଆ କହିଲା ହେ ମୁଗୈରାଙ୍କ ପୁତ୍ର ! (ହଜରତ ଖାଲିଦ ର ଅଙ୍କର ଏହା ଉପନାମ ଥିଲା) ମୁଁ ମୁସଲମାନ ଅଟେ, ପ୍ରଭୁଙ୍କ ରାଣ ! ମୁଁ ବିଧର୍ମୀ ନୁହେଁ । ମୁଁ ହଜୁର ସ ଆ ସଙ୍କ ସେବାରେ ଉପସ୍ଥିତ ହୋଇ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛି । ସେଠାରୁ ମୁଁ ମୁସଲମାନ ହେବା ଅବସ୍ଥାରେ ହିଁ ପ୍ରତ୍ୟାବର୍ତନ କରିଥିଲି । ଏବେ ମଧ ମୁଁ ମୁସଲମାନ ଅଛି । ମୁଁ ଆପଣମାନଙ୍କ ସହିତ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ଆସିନାହିଁ । ପୁନଶ୍ଚ ସେ ନୁମୈରିକୁ ସନ୍ଧାନ କରିବାକୁ ଅସିଥିବା କଥାକୁ ପୁନରାବୃତି କଲା । ହଜରତ ଖାଲିଦ ର ଅ କହିଲେ ଜଣକୁ ହତ୍ୟା କରିବା ଓ ସ୍ୱାଧିନ କରିଦେବା ମଧରେ ସାମାନ୍ୟତମ ଫରକ ରହିଛି , ଅର୍ଥାତ୍ କଏଦି ହେବା । ଏପରି କି ଏ ଯୁଦ୍ଧରେ ପ୍ରଭୁ ଆମ ପାଇଁ ଯାହା ନିଷ୍ପତି କରିଛନ୍ତି ତାହାର ପରିଣାମ ବାହାର କରିଦିଅନ୍ତୁ । ଆପଣ ତାହାକୁ ତାହାର ପତ୍ନୀ ଅଧିନ କରିଦେଇଥିଲେ ଯାହାକୁ ଆପଣ ମାଲିକ ବିନ୍ ନୱେରାଃକୁ ହତ୍ୟା କରିବା ପରେ ବିବାହ କରିଥିଲେ । ଆପଣ ଏହି ଆଦେଶ ଦେଇଥିଲେ ଯେ, ବନ୍ଦୀମାନଙ୍କର ସମସ୍ତ କଥା ବୁଝାଶୁଝା କରିବ ତାଙ୍କୁ ଯେପରି କୌଣସି ପ୍ରକାର କଷ୍ଟ ନ ହୁଏ । ମୁଜାଆ ମନେ କଲା ଯେ, ହଜରତ ଖାଲିଦ ର ଅ ତାକୁ କଏଦି କରିବାକୁ ଚାହୁଁଛନ୍ତି , ଯଦ୍ୱାରା ସେ ତାଙ୍କୁ ଶତ୍ରୁର ସୁଚନା ପ୍ରଦାନ କରିଦେବ । ସେ କହିବାକୁ ଲାଗିଲା ଯେ ଆପଣ ଜାଣନ୍ତି ଯେ ମୁଁ ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟରେ ହାଜିର୍ ହୋଇଥିଲି ଏବଂ ଆପଣ ସ ଆ ସଙ୍କ ଇସଲାମର ବୟତ କରି ମୁସଲମାନ ହୋଇଥିଲି । ସେ ଏ ଏକଥାକୁ ବାରମ୍ବାର ପୂନରାବୃତି କରୁଥିଲା । ପୁନଶ୍ଚ ମୁଁ ନିଜ ସମ୍ପ୍ରଦାୟ ଆଡ଼କୁ ଫେରିଲି ଏବଂ ଆଜି ମଧ ମୋର ସେହି ଅବସ୍ଥା ରହିଛି ଅର୍ଥାତ୍ ନିଜ ସମ୍ପ୍ରଦାୟ ଆଡ଼କୁ ଫେରିବା ସତ୍ୱେ ମଧ ଆଜି ମୋର ଏହିପରି ଅବସ୍ଥା ରହିଛି । କିନ୍ତୁ ଆଗକୁ ଯେଉଁ ଘଟଣାବଳୀ ରହିଛି ତହିଁରୁ ଏକଥା ଜଣାପଡୁଛି ଯେ, ତାର ସେହି ସମସ୍ତ କଥା ଭୂଲ ବିବୃତି ଥିଲା । ସେ କହୁଥିଲା ଯେ ମୋର କାଲି ଯେଉଁ ଅବସ୍ଥା ଥିଲା ଓ ଆଜି ମଧ ସେହି ସମାନ ଅବସ୍ଥା ରହିଛି । **(ଅଲଇକତଫାଆ ବିମା ତଜମିନ୍‌ଃ ମିନ୍ ମଗାଜି ରସୁଲୁଲ୍ଲାଃ ୱ୍ସ୍ ସଲାସତୁଲ୍ ଖୋଲୋଫାଆ , ଭାଗ-୦୨, ପୃ-୧୧୯-୧୨୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୪୨୦ ହିଜ୍ରୀ)**

ମୁଜାଆର ଗୋଷ୍ଠୀ ବିଷୟରୁ ବିରତ ହେବା ପରେ ହଜରତ ଖାଲିଦ ର ଅ ୟମାମା ଅଭିମୁଖେ ବାହାରିଥିଲେ ।

ତାଙ୍କ ଆଗମନର ସୁଚନା ପାଇ ମୁସୈଲେମା ବିନ୍ କଜାବ୍ ନିଜ ସମ୍ପ୍ରଦାୟ ବନୁ ହନିଫା ସହିତ ଯୁଦ୍ଧକରିବା ପାଇଁ ବାହାରିଲା ଏବଂ ୟମାମାର ସୀମାବର୍ତୀ ଅଂଚଳରେ ଅବସ୍ଥିତ ଅକରବାଆ ନାମକ ସ୍ଥାନ ଯାହାକି ୟମାମାର ଶସ୍ୟଶ୍ୟାମଳ ଇଲାକା ଓ ଅତ୍ୟନ୍ତ ସବୁଜିମାରେ ପରିପୂର୍ଣ୍ଣ ସ୍ଥାନ ଥିଲା , ସେଠାରେ ସେ ନିଜର ଛାଉଣି ପକାଇଲା । ହଜରତ ଖାଲିଦ ର ଅ ବଳିଷ୍ଠ ଯୋଜନା ପ୍ରସ୍ତୁତ କଲେ । ଯୁଦ୍ଧ

ରଣନୀତି ପ୍ରସ୍ତୁତ କରିଥିଲେ । ସେ କେବେବି ଶତ୍ରୁଙ୍କୁ ଦୁର୍ବଳ ମନେକରୁନଥିଲେ । ଯୁଦ୍ଧ ଭୂମିରେ ସର୍ବଦା ପୂର୍ଣ୍ଣ ପ୍ରସ୍ତୁତ ଓ ସତର୍କତାର ସହିତ ଓହ୍ଲାଉଥିଲେ । ଶତ୍ରୁ ଯଦି ହଠାତ୍ ଆକ୍ରମଣ କରିଦିଅନ୍ତି ତାହେଲେ ସେ ତାହାର କିପରି ପ୍ରତିରୋଧ କରିପାରିବେ ଏବଂ ଶତ୍ରୁର ସମସ୍ତ ପ୍ରକାର ଷଡ଼ଯନ୍ତ୍ର ଓ ମନ୍ଦ ଯୋଜନାକୁ କିପରି ବ୍ୟର୍ଥ କରିପାରିବେ । ସେ ବିଷୟରେ ସେ ସର୍ବଦା ସତର୍କ ରହୁଥିଲେ । ହଜରତ ଖାଲିଦ ର ଅଙ୍କ ବିଶେଷତା ସର୍ମ୍ପକରେ ଏହା ବି ବର୍ଣ୍ଣନା ରହିଛି ଯେ, ସେ ବିଶ୍ରାମ କରୁନଥିଲେ କିନ୍ତୁ ଅନ୍ୟମାନଙ୍କୁ ଶୋଇବାକୁ କହୁଥିଲେ । ସେ ପୂର୍ଣ୍ଣ ପ୍ରସ୍ତୁତିର ସହିତ ରାତ୍ରିଯାପନ କରୁଥିଲେ । ଆପଣ ର ଅଙ୍କ ଉପରେ ଶତ୍ରୁର କୌଣସି କଥା ଗୋପନ ରହୁନଥିଲା । ସୈନ୍ୟଦଳକୁ କ୍ରମରେ ସଜାଇବାର ସମୟ ଆସିଯାଇଥିଲା । ଏହି ଯୁଦ୍ଧର ଧ୍ୱଜାବାହକ ହଜରତ ଅବ୍‌ଦୁଲ୍ଲାଃ ବିନ୍ ହଫ୍‌ସ୍ ବିନ୍ ଗାନିମ୍ ଥିଲେ । ପୁନଶ୍ଚ ଇସ୍‌ଲାମୀୟ ଧ୍ୱଜା ତାଙ୍କ ହାତରୁ ହଜରତ ସାଲିମ୍ ମୌଲା ଅବୁ ହୁଜୈଫାଙ୍କ ହସ୍ତକୁ ଚାଲିଯାଇଥିଲା । ଏହି ଯୁଦ୍ଧରେ ହଜରତ ଖାଲିଦ ର ଅ ହଜରତ୍ ଶୁରହ୍‌ବିଲ୍ ବିନ୍ ହସନାଙ୍କୁ ଆଗକୁ ବଢ଼ାଇ ଦେଇ ଇସ୍‌ଲାମୀୟ ସେନାବାହିନୀକୁ ପାଂଚଭାଗରେ ବିଭକ୍ତ କରିଦେଇଥିଲେ । ମୁକଦ୍ଦମା ଅର୍ଥାତ୍ ଆଗ ଧାଡ଼ିରେ ହଜରତ ଖାଲିଦ ବିନ୍ ମଖ୍‌ଜୁମିଙ୍କୁ , ମୈମନା ଅର୍ଥାତ୍ ଡ଼ାହାଣ ପଟେ ହଜରତ ଅବୁ ହୁଜୈଫାଙ୍କୁ , ମୈସ୍‌ରାରେ ଅର୍ଥାତ୍ ବାମପଟେ ହଜରତ ମୁଜାଅଙ୍କୁ ଏବଂ କଲବ୍ ଅର୍ଥାତ୍ ମଧ୍ୟଭାଗରେ ହଜରତ ଜୈଦ୍ ବିନ୍ ଖତାବ୍‌ଙ୍କୁ ତଥା ଅଶ୍ୱାରୋହୀମାନଙ୍କ ଉପରେ ହଜରତ ଉସାମା ବିନ୍ ଜୈଦ୍ ର ଅଙ୍କୁ ନିଯୁକ୍ତ କରିଥିଲେ । ଏଭଳି ଆପଣ ନିଜ ସୈନ୍ୟବାହିନୀଙ୍କୁ ବିଭକ୍ତ କରିଦେଇଥିଲେ । ଓଟମାନଙ୍କୁ ପଛରେ ରଖିଥିଲେ ଯେଉଁମାନଙ୍କ ଉପରେ ଶିବିରର ସମସ୍ତ ଜିନିଷପତ୍ର ଲଦା ଯାଇଥିଲା ଓ ମହିଳାମାନେ ଓଟ ଉପରେ ଆରୋହଣ କରିଥିଲେ । ଏହା ଯୁଦ୍ଧ ପୂର୍ବରୁ ଶେଷ କ୍ରମ ଅର୍ଥାତ ସୈନ୍ୟସଜା ଥିଲା ।**(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ , ଶଖ୍‌ସିୟତ୍ ଅଓର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୩୫୭-୩୫୮)**

ଅପର ପକ୍ଷେ ମୁସୈଲେମା କଜାବ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୈନ୍ୟଦଳ ମଧ୍ୟ ପୂର୍ବରୁ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲା । ମୁସୈଲେମାର ପୁତ୍ର ଶୁରୈହବିଲ୍ ନିଜ ସମ୍ପ୍ରଦାୟର ଲୋକମାନଙ୍କୁ କହିଲା ହେ ବନୁ ହନିଫା ! ଆଜିର ଦିନଟି ସାହସ ଓ ଆତ୍ମସମ୍ମାନ ପ୍ରଦର୍ଶନ କରିବାର ଦିନ । ତେଣୁ ତୁମେମାନେ ଯଦି ଆଜି ପରାଜୟ ବରଣ କର ତେବେ ତୁମର ମହିଳା ଓ ପିଲାଛୁଆ ଦାସ ପାଲଟି ଯିବେ ଏବଂ ସେମାନଙ୍କ ସହିତ ଶତ୍ରୁପକ୍ଷ ନିକାହ୍ ନକରି ନିଜର ଫାଇଦା ଉଠାଇବେ । ଅତଏବ ଆଜି ତୁମେମାନେ ନିଜ ମାନସମ୍ମାନର ରକ୍ଷା କରିବା ସକାଶେ ପୂର୍ଣ୍ଣ ଦାୟିକତା ପଦର୍ଶନ କର ଏବଂ ନିଜ ସମ୍ପ୍ରଦାୟର ମହିଳାମାନଙ୍କୁ ସୁରକ୍ଷା କର ।**(ତାରିଖେ ତିବରୀ ଲିଅବି ଜାଫର୍ ମୁହମ୍ମଦ୍ ବିନ୍ ତିବରୀ , ଖ-୦୨ , .........ପୃ-୨୭୮ , ଦାରୁଲ୍ କୁତୁବୁଲ୍ ଅଲମିୟାଃ , ୨୦୧୨)**

ସେ ଯାହା ହେଉ ନା କାହିଁକି ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ସେହି ଯୁଦ୍ଧ ଏପରି ଥିଲା ଯେ ମୁସଲମାନମାନଙ୍କୁ ଏହା ପୂର୍ବରୁ ଏମିତି ଯୁଦ୍ଧ କେବେ ବି ଦେଖିବାକୁ ପଡ଼ି ନଥିଲା । ମୁସଲମାନମାନଙ୍କୁ ଏଠାରେ ମଧ୍ୟ ପରାଜୟ ବରଣ କରିବାକୁ ପଡ଼ିଥିଲା ଏବଂ ବନୁ ହନିଫାର ସଦସ୍ୟବୃନ୍ଦ ମୁଜାଆକୁ ମୁକୁଳାଇବା ପାଇଁ ଆଗକୁ ଅଗ୍ରସର ହେଲେ ଓ ହଜରତ ଖାଲିଦ ର ଅଙ୍କ ଶିବିର ଆଡ଼କୁ ସେମାନେ ଅଭିଳାଷି ହେଲେ । ହଜରତ ଖାଲିଦ ର ଅ ସେତେବେଳକୁ ଶିବିର ଛାଡ଼ି ସାରିଥିଲେ । ତେଣୁ ସେମାନେ ମୁଜାଆ ପର୍ଯ୍ୟନ୍ତ ପହଂଚିଗଲେ ଯିଏ ହଜରତ ଖାଲିଦ ର ଅଙ୍କ ପତ୍ନୀଙ୍କ ତତ୍ତ୍ୱାବଧାନରେ ଥିଲା । ମୁରତଦ୍ଦୀନ୍ ଅର୍ଥାତ ସେହି ଧର୍ମପରିତ୍ୟାଗୀ ଲୋକମାନେ ହଜରତ୍ ଖାଲିଦ୍ ର ଅ ଙ୍କ ପତ୍ନୀଙ୍କୁ ହତ୍ୟା କରିବାକୁ ଚାହିଁଲେ । କିନ୍ତୁ ସେତେବେଳେ ମୁଜାଆ ସେମାନଙ୍କୁ ଅଟକାଇ ଏହାର ପ୍ରତିରୋଧ କଲା ଏବଂ କହିଲା ମୁଁ ଏହି ମହିଳାଙ୍କୁ ଶରଣ ଦେଉଅଛି । ଅତଏବ ସେହି ବିଧର୍ମୀମାନେ ହଜରତ ଖାଲିଦ ର ଅଙ୍କ ପତ୍ନୀଙ୍କୁ ଛାଡ଼ି ଦେଇଥିଲେ । ମୁଜାଆ କହିଲା ତୁମେମାନେ ପୁରୁଷମାନଙ୍କ ଉପରେ ଆକ୍ରମଣ କର । ଗୋଟିଏ ପଟରେ ମୁଜାଆ ନିଜକୁ ମୁସଲମାନ ଦର୍ଶାଉଥିଲା ଅପରପକ୍ଷେ ବିଧର୍ମୀମାନଙ୍କୁ କହୁଥିଲା ଯେ ତୁମେମାନେ ପୁରୁଷମାନଙ୍କ ଉପରେ ଆକ୍ରମଣ କର । ତେଣୁ ସେହି ବିଧର୍ମୀମାନେ ମୁସଲମାନମାନଙ୍କର ଶିବିରକୁ ଧ୍ୱଂସ କରିଦେଲେ ।**(ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ଲିଇବନେ ଅସିର୍ ଜିକର୍ ମୁସଲେମାଃ ୱ ଅହଲଲ୍ ୟମାମାଃ ,ଖ-୦୨ ପୃ-୨୨୧, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୩)**

ମୁସଲମାନ ସୈନ୍ୟବାହିନୀ ପଛଘୁଂଚା ଦେବା ସତ୍ତ୍ୱେ ବି ହଜରତ ଖାଲିଦ ର ଅଙ୍କ ଦୃଢ଼ ସଂକଳ୍ପ ଓ ସାହାସିକତାରେ କୌଣସି ଫରକ୍ ଦେଖାଦେଲା ନାହିଁ ବରଂ ସେ ରଣକ୍ଷେତ୍ରରେ ଅଟଳ ଓ ଅବିଚଳ ରହିଥିଲେ ଏବଂ ମୁହୂର୍ତ୍ତକପାଇଁ ମଧ୍ୟ ପରାଜୟର ଚିନ୍ତା ମନ ଭିତରେ ଉତ୍ପନ୍ନ କରିନଥିଲେ । ହଜରତ ଖାଲିଦ ର ଅ ନିଜ ସୈନ୍ୟବାହିନୀକୁ ଡ଼ାକମାରି କହିଲେ ହେ ମୁସଲମାନମାନେ ! ତୁମେମାନେ ପୃଥକ ପୃଥକ ହୋଇ ଶତ୍ରୁର ମୁକାବିଲା କର । ଏତତ୍‌ଦ୍ୱାରା ମୁଁ ଅବଲୋକନ କରିପାରିବି ଯେ କେଉଁ ସମ୍ପ୍ରଦାୟ ଯୁଦ୍ଧରେ ସର୍ବୋକୃଷ୍ଟ ସାହସିକତା ପ୍ରଦର୍ଶନ କରିପାରୁଛି । ଏହା ଏଥିରୁ ପ୍ରମାଣିତ ହୋଇଯିବ । ଏହି ଘୋଷଣାର ଅର୍ଥ ଏହା ଥିଲା ଯେ, ମୁସଲମାନମାନେ ନିଜ ନିଜ ସମ୍ପ୍ରଦାୟର ବାନା ତଳେ ଯୁଦ୍ଧ କରନ୍ତୁ । ଏପରି କହି ହଜରତ ଖାଲିଦ ର ଲୋକମାନଙ୍କ ମନରେ ଓ ଉପସ୍ଥିତ କବିଲାମାନଙ୍କ ମଧ୍ୟରେ ଏକ ଉତ୍ସାହ ଓ ଉଦ୍ଦୀପନାର ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିଦେଇଥିଲେ ।**(ଉଦ୍ଧୃତ ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ (ମୁତରଜିମ୍) ପୃ-୧୯୫-୧୯୬)**

ସେହିପରି ମୁସଲମାନମାନେ ମଧ୍ୟ ପରସ୍ପରକୁ ଅନୁପ୍ରାଣିତ କରି ଶତ୍ରୁର ମୁକାବିଲା କରିବାପାଇଁ ଆଗକୁ ବଢ଼ିଲେ । ଏହାର କିଛି ବିବରଣୀ ଏପରି ମିଳୁଅଛି ଯେ ହଜରତ ସାବିତ୍ ବିନ୍ କୈସ୍ ର ଅ କହିଲେ, ହେ ମୁସଲମାନମାନଙ୍କ ଗୋଷ୍ଠୀ ! ଏହା କେତେ ଖରାପ କଥା ଯାହା ତୁମେମାନେ ଅଭ୍ୟାସରେ ପରିଣତ କରିସାରିଛ । ଯଦି ସହଜ ରାସ୍ତାକୁ ଅଭ୍ୟାସରେ ପକାଇଦେଇଛ ତାହାହେଲେ ଏହା ବହୁତ ଖରାପ ଅଭ୍ୟାସ । ଏହା ଅତ୍ୟନ୍ତ ନିନ୍ଦନୀୟ ପ୍ରସଙ୍ଗ । ସୁତରାଂ ସାହାବାମାନେ ପରସ୍ପରକୁ ଯୁଦ୍ଧ କରିବା ପ୍ରତି ଅନୁପ୍ରାଣିତ କଲେ ଏବଂ କହିଲେ, ହେ ସୁରାଃ ବକ୍‌ରାର ଲୋକମାନେ ! ଆଜି କୁହୁକ ଭଙ୍ଗ ହୋଇଯାଇଛି । ହଜରତ ସାବିତ୍ ବିନ୍ କୈସ୍ ଗୋଡ଼ର ପେଣ୍ଠା ପର୍ଯ୍ୟନ୍ତ ଭୂଇଁକୁ ଖୋଳିଦେଲେ ଏବଂ ନିଜକୁ ତହିଁରେ ଧସାଇ ଦେଲେ । ଅର୍ଥାତ୍ ନିଜେ ସେଥିରେ ପଶିଗଲେ । ସେ ଅନ୍‌ସାରମାନଙ୍କର ଧ୍ୱଜା ଧରିଥିଲେ ଓ ନିଜ ଦିହରେ ହନୁତ ବୋଳି ହୋଇଗଲେ । ପୂର୍ବେ ଆରବରେ ଏହି ପ୍ରଥା ରହିଥିଲା ଯେ କେତେକ ଲୋକେ ଯେଉଁମାନେ ନିଜକୁ ସାହାସି ଓ ବୀର ବୋଲି ପରିଚୟ ଦେଉଥିଲେ ସେମାନେ ଏପରି କାର୍ଯ୍ୟ କରୁଥିଲେ । ଅର୍ଥାତ୍ ଏପରି କରି ସେ ଏହା ଦର୍ଶାଇବାକୁ ଚାହୁଁଥିଲେ ଯେ, ଯେଉଁ କାର୍ଯ୍ୟକୁ ମୋ ମୃତ୍ୟୁପରେ ଲୋକମାନେ ମୋ ସହିତ କରିଥାନ୍ତେ ଏବେ ସେହି କାର୍ଯ୍ୟକୁ ମୁଁ ସ୍ୱୟମ ନିଜ ପାଇଁ ଆଗତୁରା କରିଦେଉଛି । ଭୂଇଁକୁ ଅଧା ଖୋଳି ତା ଭିତରେ ନିଜକୁ ପୋତିଦେବାର ଅର୍ଥ ହେଉଛି ଏହା କି ସତେ ଯେପରି ମୁଁ ଏବେ ମରିବାକୁ ପ୍ରସ୍ତୁତ ରହିଛି ଏବଂ ହନୁତ୍ ବୋଳିବା ର ଅର୍ଥ ଏହା କି ହନୁତ୍ ହେଉଛି କେତେକ ସୁବାସିତ ଜିନିଷର ଏକ ମିଶ୍ରଣ , ଯାହା ଜଣେ ମରିଯାଇଥିବା ବ୍ୟକ୍ତିର ଶରୀରରେ ସ୍ନାନ କରାଇବାପରେ ଲେପନ କରାଯାଇଥାଏ ବା ତାହା ହେଉଛି ଏପରି ଏକ ଔଷଧ ଯାହା ଶବଟିକୁ ପଚିବାକୁ ଦେଇନଥାଏ ବରଂ ତାହାକୁ ସୁରକ୍ଷିତ ରଖିଥାଏ । ସେ ଯାହା ହେଉ ନା କାହିଁକି ସେ ମୁଣ୍ଡରେ କଫନ ବାନ୍ଧିନେଲେ ଓ ଶତ୍ରୁପକ୍ଷର ମୁକାବିଲା କରିବାପାଇଁ ଦୃଢ଼ ସଂକଳ୍ପ କରି ଛିଡ଼ା ହେଲେ । ଏପରିକି ଏହିପରି ସାବିତ୍ ବିନ୍ କୈସ୍ ଶହୀଦ୍ ହୋଇଗଲେ ଅର୍ଥାତ୍ ବୀରଗତି ପ୍ରାପ୍ତ କରିନେଲେ ।**(ଅଲବିଦାୟାଃ ୱନ୍ ନହାୟାଃ , ଖ-୦୩ , ଭା-୦୬, ପୃ-୩୨୦ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)(ଫୁରୋଜୁଲ୍ ଲୁଗାତ୍ ଉର୍ଦ୍ଦୁ , ପୃ-୬୦୯ ଜେରେ ଲଫଜ୍ ହନୁତ୍)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ ର ଅ ଓ ୟମାମା ଯୁଦ୍ଧ ସମ୍ପର୍କିତ ଅବଶିଷ୍ଟ ବିବରଣୀ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କ ଜୀବନୀ ଚର୍ଚ୍ଚା କରିବାକୁ ଚାହୁଁଛି । ସର୍ବପ୍ରଥମେ ଜଣେ ଶହୀଦଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଚହିଁବି । ତାଙ୍କୁ ବିଗତ ଦିନ ଶହୀଦ୍ କରିଦିଆଯାଇଅଛି । ସେ ହେଉଛନ୍ତି ସ୍ୱର୍ଗତ ଅବ୍‌ଦୁଲ୍ ସଲାମ୍ ସାହେବ ସୁପୁତ୍ର ମାଷ୍ଟର ମୁନଓ୍ୱର ଅହମଦ୍ ସାହେବ ସଦର ଜମାଅତ୍ ଏଲ୍ ପ୍ଲାଟ୍ ଅଓକାଡ଼ା । ତାଙ୍କୁ ମଇ ମାସ ୧୭ ତାରିଖ ଦିନ ଶହୀଦ୍ କରିଦିଆଯାଇଅଛି । ତାଙ୍କର ବୟସ କେବଳ ୩୫ ବର୍ଷ ଥିଲା । ଅହେମଦୀୟତର ଜଣେ ବିରୋଧୀ ପଛପଟୁ ତାଙ୍କ ଉପରକୁ ଛୁରୀ ଦ୍ୱାରା ଅତର୍କିତ ଭାବରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା ଯଦ୍ୱାରା ଘଟଣାସ୍ଥଳରେ ହିଁ ସେ ଶହୀଦ ହୋଇଯାଇଥିଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ସୁଚନା ଅନୁଯାୟୀ ଅବ୍‌ଦୁସ୍ ସଲାମ୍ ସାହେବ ନିଜର ଦୁଇଜଣ ଛୋଟ ଛୋଟ ପିଲା, କମର ଇସଲାମ୍ ଯାହାଙ୍କର ବୟସ ମାତ୍ର ୬ ବର୍ଷ ଥିଲା ଏବଂ ବଦରେ୍ ଇସଲାମ୍ ଯାହାର ବୟସ ମାତ୍ର ସାଢେ ଚାରି ବର୍ଷ, ସେମାନଙ୍କ ସହିତ କୌଣସି କାମରେ ଘରୁ ବାହାରିଥିଲେ ବରଂ ତାଙ୍କୁ ଯୋଜନାବଦ୍ଧ ଭାବରେ ଡ଼କାଯାଇଥିଲା । ଅର୍ଥାତ ସେ କାମରେ ବାହାରିନଥିଲେ ବରଂ ତାଙ୍କୁ ଘରୁ ବାହାରକୁ ବାହାରିବା ପାଇଁ ଯୋଜନାବଦ୍ଧ ଭାବରେ ବାହାରକୁ ଡ଼କାଯାଇଥିଲା । ଦୁବୃତମାନେ ତାଙ୍କୁ ତାଙ୍କ ଘରର ପାଣି ପାଇପ କନେକ୍ସନ ଇତ୍ୟାଦି ଠିକ୍ କରାଇବା ପାଇଁ ଏକ ଷଡ଼ଯନ୍ତ୍ର କରି ଡ଼କାଇଥିଲେ । ତାପରେ ସେହି ଦୃବୃର୍ତମାନେ ତାଙ୍କ ପଛପଟୁ ତାଙ୍କ ଉପରେ ଆକ୍ରମଣ କରି ଶହୀଦ କରିଦେଲେ । ଅତେବ ସେ ଘରୁ ବାହାରକୁ ବାହାରିଲେ ସେତେବେଳେ ହାଫିଜ୍ ଅଲୀ ରଜା ଉରଫ୍ ମଲାଜିମ୍ ହୁସୈନ୍ ନାମକ ଜଣେ ଅହେମଦୀୟତ୍‌ର ଶତୃ ତାଙ୍କର ପିଛା କଲା । ପୁଣି ଖଞ୍ଜର୍ (ଏକ ପ୍ରକାରର ବଡ଼ ଛୁରୀ) ଦ୍ୱାରା ଆକ୍ରମଣ କରିଦେଲା । ସଂନ୍ଧ୍ୟା ସମୟ ଥିଲା । ଏହି ଆକ୍ରମଣ ଯୋଗୁଁ ଅବ୍‌ଦୁସ୍ ସଲାମ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

ସାହେବ ନିଜ ଦୁଇଜଣ ପିଲାଙ୍କ ସମ୍ମୁଖରେ ଶହୀଦ୍ ହୋଇଗଲେ ଓ ସେହି ଅପରାଧର ଜଣକ ସେଠାରୁ ଫେରାର୍ ହୋଇଗଲା । ଏମାନେ ଜନ୍ନତ୍ ଅର୍ଥାତ୍ ବୈକୁଣ୍ଠ ଲଭିବା ପାଇଁ ଅହେମଦୀୟତକୁ ଶହୀଦ୍ କରୁଛନ୍ତି । ହତ୍ୟାକାରୀ ଜଣକ ସ୍ଥାନୀୟ ମଦର୍ସା ଜାମିଆ ଅମିନିୟାଃ ଫରିଦିୟାଃ ଏଲ୍ ପ୍ଲାଟ୍ ଜିଲ୍ଲା ଅଓକାଡ଼ାର ବିଦ୍ୟାର୍ଥି ଥିଲା । ସେ ଏହି କାଣ୍ଡ ଭିଆଇବାର ଦୁଇଦିନ ପୂର୍ବରୁ ମଦର୍ସାର ହିଫ୍ଜ୍ କ୍ଲାସରୁ କୋର୍ସ ଶେଷ କରି ବାହାରିଥିଲା । ମଦର୍ସା ତରଫରୁ ଯେଉଁ ବାର୍ଷିକ ସମାରୋହ ହୋଇଥିଲା, ସେଥିରେ ମଦର୍ସାର ମୁନତଜିମ୍ (ଅର୍ଥାତ୍ ପ୍ରବନ୍ଧକ ତଥା ପ୍ରଶାସକ) ମୌଲବୀ ନିଜ ଭାଷଣରେ ପାସ୍ ହୋଇଥିବା ବିଦ୍ୟାର୍ଥିମାନଙ୍କୁ କହିଥିଲେ ଯେ ଜମାଅତ୍ ଅହେମଦୀୟା ବିରୁଦ୍ଧରେ ତୁମେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ଏହିପରି ସେ ବହୁତ ଉତେଜନା ସୃଷ୍ଟି କରିଥିଲା ଏବଂ ଚରମ ପଦକ୍ଷେପ ନେବାପାଇଁ ପବର୍ତାଇଥିଲା । ସେ ଯାହା ହେଉ ନା କାହିଁକି ସେଠାରେ ହିଫ୍ଜ୍ କ୍ଲାସର ସମାରୋହ ତ ପାଳନ କରାଯାଉଥିଲା । କିନ୍ତୁ ଯେଉଁ ଜରିଆରେ ଏମାନେ ଲୋକମାନଙ୍କୁ ଜନ୍ନତ୍ ଦେବାକୁ ଚାହୁଁଛନ୍ତି,ସେହି ଜରିଆରେ ଏମାନେ ନିଜେ ବି ନର୍କର ରାସ୍ତାକୁ ଖୋଜୁଛନ୍ତି ଏବଂ ଲୋକମାନଙ୍କୁ ବି ନର୍କର ରାସ୍ତାରେ ପକାଇବାକୁ ଚେଷ୍ଟାକରୁଛନ୍ତି ।

ମୃତକ ଶହୀଦ୍‌ଙ୍କ କୁଟୁମ୍ବରେ ଅହେମଦୀୟତ୍ ତାଙ୍କ ଅଣ ଜେଜେ ହଜରତ୍ ନବି ବଖ୍ସ ସାହେବ୍ ଙ୍କ ଜରିଆରେ ଆସିଥିଲା । ନବି ବଖ୍ସ ସାହେବ୍ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସାହାବି ଥିଲେ । ସେ ଫମ୍ବିଆ ଜିଲ୍ଲା ହୋଶିଆରପୁର୍ ର ନିବାସୀ ଥିଲେ । ଶହୀଦଙ୍କ ଜେଜେ ଶ୍ରୀମାନ୍ ମୁହମ୍ମଦ୍ ସିଦ୍ଦିକ୍ ସାହେବ୍ ଜନ୍ମଗତ ଅହେମଦୀ ଥିଲେ । ପୁଣି ପାକିସ୍ତାନ ଗଠନ ହେବା ପରେ ଏମାନେ ଅଓକାଡ଼ା ଚାଲିଆସିଥିଲେ । ଶହୀଦ୍ ମରହୁମ୍ ମେଟ୍ରିକ୍ ପର୍ଯ୍ୟନ୍ତ , ସେକେଣ୍ଡାରୀ ସ୍କୁଲ୍ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ତାପରେ ସେ ଜମିଦାରୀ କାମରେ ମନ ନିବେଶ କରିଲେ । ସେ ୱକଫେ ନୌ ର ବାବରକତ୍ ତହରିକରେ ସାମିଲ୍ ଥିଲେ । ତାଙ୍କ ମାଆ ବି କୁହନ୍ତି ଯେ ଯେବେ ତାଙ୍କୁ କୁହାଗଲା ଯେ ତୁମେ ତ ୱକଫେ ନୌ ରେ ଅଛ । ତୁମର ଦୁଇଜଣ ଭାଇ ମୁରବୀ ହୋଇସାରିଛନ୍ତି କିନ୍ତୁ ତୁମେ କିଛି ହେଲ ନାହିଁ । ଏଥିରେ ସେ ଉତର ଦେଉଥିଲେ ଯେ ମୁଁ ସେହି ଦୁଇଜଣଙ୍କର ସେବା କରୁଛି । ଅଲ୍ଲାତାଲା ମୋର ଏହି ସେବାକୁ ବି କିଛି ମାତ୍ରାରେ ଗ୍ରହଣ କରିନେବେ । କାରଣ ମୁଁ ବାକି କୁଟୁମ୍ବର ଲୋକମାନଙ୍କ ନିମନ୍ତେ, ଘର ଲୋକମାନଙ୍କ ପାଇଁ କାମ କରୁଛି । ସେ ଜମିଦାରୀ କାମ କରି ପୁରା ଘରକୁ ସମ୍ଭାଳିଥିଲେ । ଆର୍ଥିକ ଦୃଷ୍ଟି କୋଣରୁ ସମସ୍ତଙ୍କୁ ନିଶ୍ଚିନ୍ତ କରି ରଖିଥିଲେ । ସେ ଏବେ କାଏଦ୍ ଖୁଦାମୁଲ୍ ଅହେମଦୀୟାର ସେବାକାର୍ଯ୍ୟ ତୁଲାଉଥିଲେ ଏବଂ ଅଲ୍ଲାଃଙ୍କ କୃପାରୁ ସେ ନିଜାମେ ୱସିୟତରେ ସାମିଲ୍ ଥିଲେ । ଅତ୍ୟନ୍ତ ମେଳାପି ତଥା ସମସ୍ତଙ୍କୁ ବହୁତ ଭଲପାଉଥିଲେ । ଯାହାକୁ ବି ସେ ମିଳୁଥିଲେ, ତାସହିତ ଆନ୍ତରିକତା ସ୍ଥାପନ କରିଦେଉଥିଲେ । ଯେଉଁ ଅଣ ଅହେମଦୀମାନେ ତାଙ୍କୁ ଜାଣିଛନ୍ତି ସେମାନେ କହୁଛନ୍ତି ଯେ ତାଙ୍କ ଉପରେ ଏହା ବହୁତ ଅତ୍ୟାଚାର ହୋଇଛି । କିନ୍ତୁ ଆତଙ୍କବାଦୀ ମୁଲ୍ଲାମାନଙ୍କ ସମ୍ମୁଖରେ କହିବାକୁ କାହାର ସାହାସ ନାହିଁ । ପାକିସ୍ତାନରେ ଏହି ନୈତିକତା ସମ୍ପୂର୍ଣ୍ଣରୁପେ ଗୁଙ୍ଗା ହୋଇସାରିଛି ।

ସେ ଯାହା ବି ହେଉ ମରହୁମ୍ (ମୃତକ)ଙ୍କ ସମ୍ବନ୍ଧରେ ତାଙ୍କ ଭାଇମାନେ ବି , ତାଙ୍କ ସମ୍ପର୍କୀୟମାନେ ବି ଏକଥା କହିଛନ୍ତି ଯେ ସେ ଖିଲାଫତ୍ ସହିତ ବହୁତ ପ୍ରେମ କରୁଥିଲେ । ସେ ନୀରବ ଭାବରେ ଅଭାବୀ ତଥା ଅଣଅହେମଦୀ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ । ଆତିଥ୍ୟତା ତାଙ୍କର ବିଶେଷ ଗୁଣ ଥିଲା । ବିଶେଷକରି ସେ ମର୍କଜୀ ଅତିଥିମାନଙ୍କର ସେବାକାର୍ଯ୍ୟରେ ଆଗଭର ରହୁଥିଲେ । ତାଙ୍କ ପ୍ରିୟଜନମାନେ ସମସ୍ତେ ଏହା ଲେଖିଛନ୍ତି ଯେ ସେ ବଡ଼ ନିର୍ଭୟ ଥିଲେ । ସେ ନିଜ କୁଟୁମ୍ବରେ ଜଣେ ସାହସୀ ଯୁବକ ଭାବରେ ଜଣାଶୁଣା ଥିଲେ । ଅତୀତରେ ବି ବିରୋଧରମାନେ ଶହୀଦ୍ ମରହୁମ୍‌ଙ୍କ ଉପରେ ଈଦ୍ ଅବସରରେ ନିର୍ଯ୍ୟାତନା ଦେଇଥିଲେ । ସେ ଯାହା ହେଉନା କାହିଁକି ଏପର୍ଯ୍ୟନ୍ତ ଅଲ୍ଲାଃତାଲା ତାଙ୍କର ସୁରକ୍ଷା ଦେଇଆସୁଥିଲା କିନ୍ତୁ ଏବେ ଏହା ବିଧିର ବିଧାନ ଥିଲା ।

ଶହୀଦ୍ ମରହୁମ୍ ଙ୍କ ପରିବାରରେ ତାଙ୍କ ବାପା ଶ୍ରୀମାନ୍ ମାଷ୍ଟର୍ ମୁନଓ୍ୱର୍ ଅହେମଦ୍ ସାହେବ୍ ସଦର୍ ଜମାଅତ୍ ଏଲ୍ ପ୍ଲାଟ୍ ଜିଲ୍ଲା ଅଓକାଡ଼ା ଏବଂ ମାଆ ଶ୍ରୀମତୀ ଶମଶାଦ୍ କୌସର୍ ସାହିବାଙ୍କ ବ୍ୟତୀତ ତାଙ୍କ ପତ୍ନୀ ଫର୍‌ଜାନାଃ ଇରମ୍ ଅଛନ୍ତି । ତାଙ୍କର ତିନୋଟି ଛୋଟ ଛୋଟ ପିଲା କମର୍ ଇସଲାମ୍ ଛଅ ବର୍ଷର । ବଦର୍ ଇସଲାମ୍ ସାଢ଼େ ଚାରି ବର୍ଷର ଏବଂ ଦେଢ଼ ବର୍ଷର ଝିଅ ଅଜିଜାଃ ସହର୍ ଅଛନ୍ତି । ସ୍ୱର୍ଗତ ଶହୀଦ୍‌ଙ୍କର ଚାରିଜଣ ଭାଇ ବି ଅଛନ୍ତି । ସେମାନଙ୍କ ମଧ୍ୟରେ ଜହୁର୍ ଇଲାହୀ ତୌକୀର୍ ସାହେବ୍ ରସର୍ଚ ସେଲ୍ ରେ ମୁରବୀ ସିଲ୍‌ସିଲା ଅଛନ୍ତି । ହାଫିଜ୍ ଅନ୍‌ୱର୍ ଅହେମଦ୍ ସାହେବ୍ ମୁରବୀ ସିଲସିଲା । ଇଏ ବି ପାକିସ୍ତାନରେ ଅଛନ୍ତି । ଏହି ଦୁଇଜଣଙ୍କ ବ୍ୟତୀତ ଆଉ ଦୁଇଜଣ ଭାଇ ମଧ୍ୟ ଅଛନ୍ତି । ଜଣେ ଲଣ୍ଡନରେ ଅଛନ୍ତି ଓ ଆଉଜଣେ ରବୁଓ୍ୱାରେ ଅଛନ୍ତି । ତାଙ୍କର ତିନି ଜଣ ଭଉଣୀ ଅଛନ୍ତି । ଜଣେ ଭଉଣୀ ତାଙ୍କର ଏଠି ମଂଚେଷ୍ଟର୍ ୟୁ କେ ରେ ଜିଶାନ୍ ଖାଲିଦ୍ ସାହେବ୍ ଙ୍କ ପତ୍ନୀ ଅଟନ୍ତି । ଜଣେ କୁଓ୍ୱେତ୍ ରେ ଅଛନ୍ତି । ତୃତୀୟ ଜଣକ ବି ଲଣ୍ଡନରେ ଅଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତ ଶହୀଦ୍ ଙ୍କ ଆଧ୍ୟାତ୍ମିକ ସ୍ତରକୁ ବଢ଼ାଇ ଚାଲନ୍ତୁ । ଜନ୍ନତୁଲ୍ ଫିରଦୌସ୍ (ଅର୍ଥାତ୍ ଫିରଦୌସ୍ ନାମକ ବୈକୁଣ୍ଠ)ରେ ଉଚ୍ଚସ୍ଥାନ ପ୍ରଦାନ୍ କରନ୍ତୁ । ଶହୀଦଙ୍କ ନିରୀହ ସନ୍ତାନ , ପତ୍ନୀ , ପିତାମାତା ତଥା ବାକି ସମସ୍ତ ପରିବାରବର୍ଗଙ୍କର ଅଲ୍ଲାଃତାଲା ସହାୟକ ହୁଅନ୍ତୁ । ନୀରିହ ପିଲାମାନଙ୍କ ସମ୍ମୁଖରେ ତାଙ୍କ ବାପାଙ୍କୁ ଶହୀଦ୍ କରିଦିଆଗଲା , ସେମାନଙ୍କ ମନରେ ଅବସ୍ଥା କ'ଣ ଥିବ , ସେମାନଙ୍କ ଭାବନା କ'ଣ ଥିବ ଅଲ୍ଲାଃତାଲା ହିଁ ଜାଣିଥିବେ । ବଡ଼ ପୁଅ ଯାହାର ବୟସ କେବଳ ଛଅ ବର୍ଷ , କୁହାଯାଉଛି ସେ ଏବେ ସୁନସାନ୍ ନୀରବ ହୋଇଯାଇଛି । ଅଲ୍ଲାଃତାଲା ହିଁ ତାଙ୍କୁ ଧୈର୍ଯ୍ୟ ଏବଂ ଶାନ୍ତି ପ୍ରଦାନ କରନ୍ତୁ ଓ ଅଲ୍ଲାଃତାଲା ହିଁ ସେହି ପିଲାମାନଙ୍କୁ ସ୍ୱୟଂ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ଶତ୍ରୁଙ୍କୁ ଉଚିତ ଶିକ୍ଷା ଦିଅନ୍ତୁ ।

ଦ୍ୱିତୀୟ ଜଣକ ହେଉଛନ୍ତି ଅଜିଜମ୍ ଜୁଲଫିକାର୍ ଅହେମଦ୍ ସୁପୁତ୍ର ଶେଖ୍ ସଇଦୁଲ୍ଲାଃ ସାହେବ୍ ଫୈସଲାବାଦ୍ ନିବାସୀ । ସେ ବିଗତ ଦିନ ଅଜରବଇଜାନ୍ ଦେଶ ଯାଇଥିଲେ । ସେ ସେଠାରେ କେବଳ ୩୬ ବର୍ଷ ବୟସରେ ହୃଦଘାତର ଶିକାର ହେଲେ । ହୋଟେଲରେ ହିଁ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କ ପରିବାରରେ ଅହେମଦୀୟତ ତାଙ୍କ ଅଣ ଜେଜେ ହଜରତ୍ ଶେଖ୍ ରହମତୁଲ୍ଲାଃ ସାହେବ୍ ଙ୍କ ଜରିଆରେ ଆସିଥିଲା । ହଜରତ୍ ଶେଖ୍ ରହମତୁଲ୍ଲାଃ ସାହେବ୍ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସାହାବି ଥିଲେ ଓ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସାହାବି ଶେଖ୍ ଚଣ୍ଡା ସାହେବ୍ ଙ୍କ ସୁପୁତ୍ର ବି ଥିଲେ । ହଜରତ୍ ଶେଖ୍ ରହମତୁଲ୍ଲାଃ ସାହେବ୍ ଙ୍କର ମସଜିଦ୍ ମୁବାରକ କାଦିଆନ ସହିତ ସଲଗ୍ନ ଗୋଟିଏ ତେଜରାତି ଦୋକାନ ଥିଲା । ସେ ବୟତ କରିବା ପରେ କାଦିଆନ୍ ନିକଟରେ ଥିବା ତାଙ୍କ ଗାଁ ତକଲ୍ ୱାଲା ରୁ କାଦିଆନ୍ ଚାଲିଆସିଥିଲେ ।

ଥରେ ଜଣେ ଲୋକ ହଜରତ୍ ମୌଲାନା ନୁରୁଦ୍ଦିନ୍ ସାହେବ ର ଅ ଖଲିଫା ଅଓ୍ୱଲ୍ ଙ୍କୁ ଅଭିଯୋଗ ଆକାରରେ କହିଲେ ଯେ ମସଜିଦ୍ ନିକଟରେ ଦୋକାନ ରହିବା ଉଚିତ ନୁହେଁ । ହଜରତ୍ ମୌଲାନା ନୁରୁଦ୍ଦିନ୍ ସାହେବ ର ଅ ଏକଥା ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ କହିଲେ । ଉତରରେ ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଏମାନେ ତ ହେଉଛନ୍ତି (ଅର୍ଥାତ୍ ଏହି ସାହାବାମାନେ ଯେଉଁମାନେ ମସଜିଦ୍ ନିକଟରେ ଆସି ରହୁଛନ୍ତି, ଏମାନେ) ହେଉଛନ୍ତି ଅସହାବେ ସୁଫା । **(ଅସହାବେ ଅହମଦ୍ - ୧୮୭-୧୮୯)**

ଏବଂ ଏହି ଅସହାବେ ସୁଫାମାନଙ୍କୁ ଅଲ୍ଲାଃତାଲା ପ୍ରତ୍ୟେକ କ୍ଷେତ୍ରରେ ସମୃଦ୍ଧି ପ୍ରଦାନ କଲେ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ବି ସମୃଦ୍ଧ କଲେ । ସ୍ୱର୍ଗତ ୨୦୦୫ ମସିହାରେ ମଂଚେଷ୍ଟର୍ ୟୁନିଭରସିଟିରୁ ଟେକ୍ସଟାଇଲ୍ କ୍ଷେତ୍ରରେ ବି ଏସ୍ ସି ଅନର୍ସ ଡ଼ିଗ୍ରୀ ହାସଲ କରିଥିଲେ । ତାପରେ ସେ ନିଜ ପାରିବାରିକ ବ୍ୟବସାୟ ସମ୍ଭାଳିବାରେ ବ୍ୟସ୍ତ ହୋଇଗଲେ । ସାଂସାରିକ କ୍ଷେତ୍ରରେ ବହୁତ ସ୍ୱଚ୍ଛଳ ଥିବା ସତ୍ୱେ ବି ସେ ଅତ୍ୟନ୍ତ ନମ୍ର ଓ ନୀରିହ ଥିଲେ । ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ସେ ସାକ୍ଷାତ କରୁଥିଲେ । ସେ ସମସ୍ତଙ୍କୁ ବହୁତ ସମ୍ମାନ ଦେଉଥିଲେ ଓ ସେମାନଙ୍କୁ ନିଜ ସାଙ୍ଗ ଓ ଭାଇମାନଙ୍କ ପରି ବ୍ୟବହାର କରୁଥିଲେ । ସେ ତାଙ୍କ କର୍ମଚାରୀମାନଙ୍କର ବହୁତ ଯତ୍ନ ନେଉଥିଲେ । ସେମାନଙ୍କ ସହିତ ସେ ସହାନୁଭୂତି ଦେଖାଉଥିଲେ । ସଦକାଃ ଏବଂ ଖୈରାତ୍ (ଦାନ ପୂଣ୍ୟ)ରେ ସକ୍ରୀୟ ଭାଗ ନେଉଥିଲେ । ସେହିପରି ଡ଼ାକ୍ତରଖାନା ଇତ୍ୟାଦିରେ ଦାନ କରୁଥିଲେ । ଆମ ଜମାତର ଚାନ୍ଦାର ପ୍ରତ୍ୟେକ ବିଭାଗରେ ଚାନ୍ଦା ଦେଉଥିଲେ । ବରଂ ସେକ୍ରେଟାରୀ ମାଲ୍ ଙ୍କୁ ସେ ନିଜେ ମନେପକାଇଦେଉଥିଲେ ଯେ ମୋଠାରୁ ଚାନ୍ଦା ନେଇଯାଅ । ସେହିପରି ସେ ଏକଥା ତାଙ୍କୁ କହୁଥିଲେ ଯେ ଚାନ୍ଦାର ପ୍ରତ୍ୟେକ ବିଭାଗ ବିଷୟରେ ମତେ ଅବଗତ କରାନ୍ତୁ ଓ ସେ ସବୁ ବିଭାଗରେ ଚାନ୍ଦା ନିଅନ୍ତୁ । ସେ ହ୍ୟୁମାନିଟି ଫାଷ୍ଟ୍ ପ୍ରୋଜେକ୍ଟରେ ବହୁତ ଅଂଶଗ୍ରହଣ କରୁଥିଲେ । ଲୋକମାନଙ୍କର ଘର ତିଆରି କରିଦେଉଥିଲେ । ଗରୀବ ଲୋକମାନଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ଯେବେ କାହା ସହିତ ମିଶୁଥିଲେ , ତାଙ୍କଠାରୁ ଭଲକଥା ଶିଖିବାକୁ ଚେଷ୍ଟା କରୁଥିଲେ ଓ ସେହି କଥାକୁ ନିଜ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରୁଥିଲେ । ରମଜାନ୍ ମାସରେ ବିଶେଷ ଭାବରେ ବହୁତ ସେବାକାର୍ଯ୍ୟ କରୁଥିଲେ । ସ୍ୱର୍ଗତ ଏବଂ ତାଙ୍କ ମାଆବାପା ମିଶି ବେଲିଜ ଦେଶରେ ଗୋଟିଏ ମସଜିଦ୍ ନିର୍ମାଣ କରିଛନ୍ତି । ଏହା ବହୁତ ବଡ଼ ପ୍ରୋଜେକ୍ଟ ଥିଲା । ସେଠାରେ ଅଲ୍ଲାଃତାଲାଙ୍କ କୃପାରୁ ବହୁତ ସୁନ୍ଦର ମସଜିଦ୍ ନିର୍ମାଣ ହୋଇଛି । ତାଙ୍କ ବିଷୟରେ ଏକଥା ଲେଖାଯାଇଛି ଯେ ସେ ନମାଜ ପଢ଼ିବ ନିମନ୍ତେ ନିଜ କାମକୁ ରୋକ ସମୟବାହାର କରୁଥିଲେ । ପବିତ୍ର କୁରଆନର ତିଲାଓ୍ୱତ୍ (ଆବୃତି)କରନ୍ତି । ସେ ନିୟମିତ ନିଜ ଜୀବନକୁ ନିୟନ୍ତ୍ରଣ କରୁଥିଲେ । ଯେତେବେଳେ ମସଜିଦ୍ ମନା ହୋଇଗଲା ସେ ନିଜଘରେ ବାଜମାଅତ୍ (ସାମୁହିକ)ନମାଜ ପାଠକରିବାର ଆୟୋଜନ କରିଥିଲେ । ସେ କିଛିଦିନ ପାଇଁ ମାଲେସିଆ ଦେଶକୁ ଭ୍ରମଣ କରିବାପାଇଁ ଯାଇଥିଲେ । ସେଠାରେ ଆମ ମସ୍‌ଜିଦରେ ଯେତେବେଳେ ପୋଲିସ୍ ଆମ ଜମାଅତର ସଦସ୍ୟମାନଙ୍କୁ ଧରିଲା , ସେତେବେଳେ ତାଙ୍କୁ ବି କଛି ଦିନ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ .....*

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ:* *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ:* *Muhmmad Naimul Haque & Family, Jamat Ahmadiyya, Pankal (Odisha)*

# :ଖୁତ୍‌ବା ଜୁମା:

"ମୁଁ ଅଲ୍ଲାଃଙ୍କ ତରଫରୁ ଏକ ଶକ୍ତି ସ୍ୱରୂପ ଆବିର୍ଭାବ ହୋଇଛି । ମୁଁ ଅଲ୍ଲାଃଙ୍କର ଏକ ମୂର୍ତୀମନ୍ତ ପ୍ରତୀକ । ମୋ ଅନ୍ତେ ଅନ୍ୟ କେତେକ ଦେହଧାରୀ ଜନ୍ମଗ୍ରହଣ କରିବେ । ସେମାନଙ୍କ ରୂପରେ ଦ୍ୱିତୀୟ ଶକ୍ତି ପ୍ରଦର୍ଶିତ ହେବ । " (ହଜରତ୍ ମସିହ୍ ମଉଦ୍ ଆ ସ)

## ଖିଲାଫତ୍ ଦିବସ ଉପଲକ୍ଷେ ଅହେମଦୀୟା ମୁସଲିମ୍ ଖିଲାଫତର ମହତ୍ୱ ତଥା ଅଶୀର୍ବାଦ, ତତ୍‌ସହିତ ଖିଲାଫତ୍ ସହିତ ଐଶ୍ୱରୀୟ ସାହାଯ୍ୟ ଓ ସମର୍ଥନ ବିଶିଷ୍ଟ ନିଦର୍ଶନଗୁଡ଼ିକର ସଂକ୍ଷିପ୍ତ ଆଲୋଚନା

ଏକଥା ସ୍ପଷ୍ଟ ହେଉ ଯେ ଆଁ ହଜରତ୍ ସ ଆ ସ ଏହା କହିବା ପରେ ପୁଣି ନୀରବ ରହିବା ଅର୍ଥାତ୍ ତୁମମାନଙ୍କ ମଧ୍ୟରେ ଖିଲାଫତ୍ ଅଲା ମିନହାଜେ ନବୁଓ୍ୱତ୍ (ଅର୍ଥାତ୍ ନବୁଓ୍ୱତର ଶୈଳୀରେ ଖିଲାଫତ୍) ଶେଷ ଯୁଗ ପର୍ଯ୍ୟନ୍ତ ତିଷ୍ଠି ରହିବ,ଏହି କଥା ଏହା ଦର୍ଶାଉଛି ଯେ ଏହି ଧାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବ ।

ଆମମାନଙ୍କ ମଧ୍ୟରେ ସେ ହେଉଛନ୍ତି ବଡ଼ ସୌଭାଗ୍ୟବାନ୍ ଯିଏ ଖିଲାଫତ୍ ସହିତ ସର୍ବଦା ଯୋଡ଼ି ହୋଇ ରହୁଛି ଏବଂ ନିଜ ଉତରପିଢ଼ିକୁ ବି ଏହା କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ଖିଲାଫତ୍ ଅହେମଦୀୟାକୁ ଗୋଟିଏ ଯୁଗ ମଧ୍ୟରେ ସୀମିତ ରଖିବାକୁ ଚହୁଁଛନ୍ତି ବା ଏପରି ଚିନ୍ତାଧାରା ରଖିଛନ୍ତି । ତେଣୁ ଏପରି ଲୋକେ ସର୍ବଦା ବିଫଳତା ଓ ଅସହାୟତାକୁ ଅବଲୋକନ କରିବେ ।

ହଜରତ୍ ମସିହ୍ ମଉଦ୍ ଆ ସ ଯେଉଁ ଭବିଷ୍ୟବାଣୀ କରିଛନ୍ତି,ଅଲ୍ଲାଃତାଲାଙ୍କର ଯେଉଁ ପ୍ରତିଶୃତି ବିଷୟରେ ଚର୍ଚ୍ଚା କରିଛନ୍ତି , ତାହା ପୂରଣ ହୋଇ ରହିବ । ପୁଣି ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପରେ ଜାରି ହେବାକୁ ଥିବା ଖିଲାଫତ୍ ଜରିଆରେ ସେହି ପ୍ରତିଶୃତି ପୂରଣ ହେବ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୨୭ ମଇ ୨୦୨୨ ଅନୁଯାୟୀ ୨୭ ହିଜରତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଅଜି ହେଉଛି ୨୭ ମଇ । ଏହି ଦିନଟିକୁ ଜମାଅତ୍ ଅହେମଦୀୟାରେ ୟୋମେ ଖିଲାଫତ୍ (ଖିଲାଫତ୍ ଦିବସ)ନାମରେ ପାଳନ କରାଯାଇଥାଏ । ଆମେ ପ୍ରତ୍ୟେକ ବର୍ଷ ଏହି ୟୋମେ ଖିଲାଫତ୍ (ଖିଲାଫତ୍ ଦିବସ)ର ଜଲସାକୁ ସେହି ଦିନ ବା ଦିନେ ଆଗପଛ କରି ପାଳନ କରିଥାଉଁ କିନ୍ତୁ କାହିଁକି ? ଏହି ପ୍ରଶ୍ନର ଉତର ଆମକୁ ସବୁବେଳେ ନିଜ ସାମନାରେ ରଖିବା ଉଚିତ୍ । ନିଜ ଉତରପିଢ଼ି, ନିଜ ସନ୍ତାନମାନଙ୍କୁ ମଧ୍ୟ ଏବିଷୟରେ ଅନୁଚିନ୍ତା କରିବାକୁ କହିବା ଉଚିତ୍ । ଏହି ଦିନର ପ୍ରାରମ୍ଭ ୧୯୦୮ ମସିହା ୨୭ ମଇ ଦିନ ହୋଇଥିଲା , ଯେବେ ଅଲ୍ଲାଃତାଲା ନିଜ ପ୍ରତିଶୃତି/ପ୍ରତିଜ୍ଞା ମୁତାବକ ଆମ ଉପରେ କୃପା କରି ଜମାଅତ୍ ଅହେମଦୀୟାରେ ଖିଲାଫତର ନିଜାମ(ବ୍ୟବସ୍ଥା/ପ୍ରଣାଳୀ)କୁ ଜାରିକରିଥିଲେ । ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ ଅଲ୍ଲାଃତାଲା ତାଙ୍କ ଜମାଅତର ବିକାଶ ତଥା ଉନ୍ନତି ନିମନ୍ତେ ଯେଉଁ ପ୍ରତିଶୃତି ଦେଇଥିଲେ ,ସେ ସେହିଦିନ ତାହାକୁ ପୁରଣ କରିଥିଲେ । ହଜରତ୍ ମସିହ୍ ମଉଦ୍ ଆ ସ ଦୀର୍ଘ ଦିନ ହେବ ନିଜ ଜମାଅତର ଲୋକମାନଙ୍କୁ ଏକଥା କହି ପ୍ରସ୍ତୁତ କରିଆସୁଥିଲେ ଯେ କୌଣସି ବି ବ୍ୟକ୍ତି ମୃତ୍ୟୁରୁ ବହିର୍ଭୂତ/ବାହାର ନୁହେଁ । ଅମ୍ବିୟ (ନବି ବା ଅବତାର)ମାନେ ବି ଯେତେବେଳେ ନିଜ କାର୍ଯ୍ୟ ସମାପ୍ତ କରନ୍ତି , ସେତେବେଳେ ଅଲ୍ଲାଃତାଲା ବି ସେମାନଙ୍କୁ ଉଠାଇନେଇଥାଏ । ହଜରତ୍ ମସିହ୍ ମଉଦ୍ ଆ ସ ବାରମ୍ବାର ଜମାଅତକୁ ଏହି କଥା ପ୍ରତି ପ୍ରସ୍ତୁତି କରିଆସୁଥିଲେ ଯେ ଏବେ ତାଙ୍କୁ ଏ ସଂସାରକୁ ଛାଡ଼ି ଆରପାରିକୁ ଚାଲିଯିବାର ସମୟ ଅତି ନିକଟତର ହୋଇଗଲାଣି । କିନ୍ତୁ ଏହା ସହିତ ଏ ସୁସମାଚାର ବି ଦେଉଥିଲେ ଯେ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ଜମାଅତ୍‌ର ବିକାଶ ତଥା ବୃଦ୍ଧି ହୋଇଚାଲିବ । ସେହି ପରି ଏହାର ବିସ୍ତାର ବି ହୋଇଚାଲିବ । ଅଲ୍ଲାଃତାଲା ଆପଣ ଆ ସ ଙ୍କୁ ଯେଉଁ ପ୍ରତିଶୃତି ଦେଇଛନ୍ତି , ସେ ତାହାକୁ ନିଶ୍ଚିତ ରୂପେ ପୂରଣ କରିବେ । ଜମାଅତର ଉନ୍ନତି/ବିକାଶ/ପ୍ରଗତି ଅଲ୍ଲାଃତାଲାଙ୍କ କୃପାରୁ ହିଁ ସାଧିତ ହେବ ଓ ଏହି ପ୍ରଗତିକୁ କେହି ଅଟକାଇପାରିବେ ନାହିଁ ।

ଆଁ ହଜରତ୍ ସ ଆ ସ ବି ଗୋଟିଏ ନିର୍ଦ୍ଦେଶରେ ନିଜ ଯୁଗଠାରୁ ନେଇ ଶେଷ ଯୁଗ ପର୍ଯ୍ୟନ୍ତ ଅର୍ଥାତ୍ ହଜରତ୍ ମସିହ୍ ମଉଦ୍ ଆ ସ ପୁଣି ତାଙ୍କ ପରେ ଜାରି ହେବାକୁ ଥିବା ଖିଲାଫତ୍ ବ୍ୟବସ୍ଥାର ନକ୍ସା ଟାଣି ଛନ୍ତି । ଅତଃ ଆପଣ ସ ଆ ସ ନିଜ ସାହାବାମାନଙ୍କର ଗୋଟିଏ ମଜଲିସରେ କହିଲେ : ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନବୁଓ୍ୱତ୍ କାଏମ୍ ରହିବ । ଅର୍ଥାତ୍ ଆଁ ହଜରତ୍ ସ ଆ ସଙ୍କ ଅସ୍ତିତ୍ୱ ସାହବା ମାନଙ୍କ ମଧ୍ୟରେ ମହଜୁଦ୍ ରହିବ । ପୁଣି ସେ ତାକୁ ଉଠାଇନେବ ଏବଂ ଖିଲାଫତ୍ ଆଲା ମିନହାଜେ ନବୁଓ୍ୱତ୍ (ଅର୍ଥାତ୍ ନବୁଓ୍ୱତର ଶୈଳୀରେ ଖିଲାଫତ)ସ୍ଥାପନ ହେବ । ଅର୍ଥାତ୍ ଖିଲାଫତ୍ ରାଶ୍‌ଦାଃ ପ୍ରତିଷ୍ଠା ହେବ ଯାହା ସମ୍ପୂର୍ଣ୍ଣ ରୂପେ ନବୁଓ୍ୱତର ପଦାଙ୍କ ଅନୁସରଣ କରୁଥିବ । ପୁଣି ଅଲ୍ଲାଃତାଲା ଯେବେ ଚାହିଁବେ ସେ ଏହି ଆଶୀର୍ବାଦକୁ (ଅର୍ଥାତ୍ ଏହି ପୁରସ୍କାର)କୁ ଉଠାଇନେବେ । ବିଗତ କିଛି ଦିନ ହେବ ମୁଁ ବଦ୍‌ରୀ ସାହାବାମାନଙ୍କ ଜୀବନଚରିତ ଚର୍ଚ୍ଚା କରିଆସୁଅଛି । ମୁଁ ଏବେ ଏହି ଶୃଙ୍ଖଳାରେ ଖୋଲଫାଆ ରାଶେଦୀନ୍ ଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିଆସୁଅଛି । ଆଜିକାଲି ମୁଁ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ବିଷୟରେ ବର୍ଣ୍ଣନା କରୁଅଛି । ସମସ୍ତ ଖଲିଫାମାନଙ୍କ ସମ୍ବନ୍ଧରେ ଏହି ଗୋଟିଏ କଥା ସ୍ପଷ୍ଟ ଯେ ସମସ୍ତେ ଆଁ ହଜରତ୍ ସ ଆ ସ ଙ୍କ ସୁନ୍ନତ୍ (କର୍ମରେ କରି ଦେଖାଇଥିବା କାର୍ଯ୍ୟଶୈଳୀ)ଉପରେ ପରିଚାଳିତ ହୋଇ ତଥା ପବିତ୍ର କୁରଆନକୁ ନିଜର ମାର୍ଗଦର୍ଶିକା ଭାବରେ ଗ୍ରହଣ କରି ନିଜ ନିଜର ଖିଲାଫତର କାଳକୁ ଅତିବାହିତ କରିଛନ୍ତି । ସତେ ଯେପରି ପାଦେ ପାଦେ ମିନହାଜେ ନବୁଓ୍ୱତ୍ ଉପରେ କାଏମ୍ ରହିବା ନିମନ୍ତେ ଚେଷ୍ଟାକରିଛନ୍ତି । ସେ ଯାହା ବି ହେଉ ଆଁ ହଜରତ୍ ସ ଆ ସ ନିଜର ବାଣୀକୁ ଜାରି ରଖି କହିଲେ ଯେ ପୁଣି ବିଧିର ବିଧାନ ମୁତାବକ ଗୋଟିଏ ଦୁଃଖପ୍ରଦାନକାରୀ ରାଜତ୍ୱ ପ୍ରତିଷ୍ଠା ହେବ । ସେଥି ଯୋଗୁଁ ଲୋକମାନଙ୍କର ଦୁଃଖିତ ହେବେ ଓ ସଂକୋଚ ଅନୁଭବ କରିବେ । ଯେବେ ଏହି ଯୁଗ ଶେଷ ହେବ , ତାହାର ଦ୍ୱିତୀୟ ଭାଗ୍ୟ/ବିଧାନ ଅନୁଯାୟୀ ତାଠାରୁ ବି ବଳି କୃର ରାଜତନ୍ତ୍ର ପ୍ରତିଷ୍ଠା ହେବ ।

ଇତିହାସ ଏହା ପ୍ରମାଣ କରି ଦେଖାଇ ବି ଦେଇଛି । ବରଂ ଆଜି ପର୍ଯ୍ୟନ୍ତ ଧର୍ମରୁ ବିଚ୍ୟୁତ ରହିଥିବା ମୁସଲମାନ୍ ଶାସକମାନେ ନିଜ ରାଜ୍ୟର ଅଧିବାସୀମାନଙ୍କ ପ୍ରତି ଏହା ହିଁ କରିଆସୁଛନ୍ତି । ସେ ରାଜନୈତିକ ସରକାର ହେଉ ବା ରାଜତନ୍ତ୍ର । ସମସ୍ତେ ଏହି ସମାନ କାମ କରିଆସୁଛନ୍ତି । ଯାହ ହାତରେ ବି ସରକାରୀ ଡ଼ୋରୀ ରହୁଛି ,ତା ଉପରେ ସାଂସାରିକତାର ପ୍ରାଧାନ୍ୟତା ରହୁଛି । ସେ ଯାହା ବି ହେଉ ଆଁ ହଜରତ୍ ସ ଆ ସ କହିଲେ ଯେ ଯେତେବେଳେ ଏପରି ବ୍ୟବହାର ଆମ ସମ୍ପ୍ରଦାୟ ସହିତ ହେବ ସେତେବେଳେ ପୁଣି ଅଲ୍ଲାଃତାଲାଙ୍କ ଦୟା ଅବତରଣ କରିବେ ଏବଂ ଏହି ନିର୍ଯ୍ୟାତନାର ଯୁଗକୁ ଶେଷ କରିଦେବେ ।

ପୁଣି ଖିଲାଫତ୍ ଅଲା ମିନହାଜେ ନବୁଓ୍ୱତ୍ ପ୍ରତିଷ୍ଠା ହେବ । ଏତିକି କହି ଆଁ ହଜରତ୍ ସ ଆ ସ ନୀରବ ହୋଇଗଲେ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍ ଖ-୦୬, ପୃ-୨୮୫ , ହଦିସ୍ ଅନନୁମାନ୍ ବିନ୍ ବଶିର୍ , ହଦିସ୍ ନଂ-୧୮୫୯୬ , ଆଲମୁଲ୍ କିତାବ୍ ବେରୁତ୍ ୧୯୮୮)**

ଅତ୍ୟାଚାର ତଥା ନିର୍ଯ୍ୟାତନାର ସେହି ଯୁଗର ଅନ୍ତ ହେବ ବୋଲି ଆଁ ହଜରତ୍ ସ ଆ ସ ଭନିଷ୍ୟବାଣୀ କରିଥିଲେ । ଏହି ବାଣୀ ସେହି ଲୋକମାନଙ୍କ ନିମନ୍ତେ ଥିଲା ଯେଉଁମାନେ ଖାତମୁଲ୍ ଖୋଲଫାଆ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଙ୍କର ବୟତ(ଦୀକ୍ଷା)ଗ୍ରହଣ କରିବେ ଏବଂ ସେହି ଶିକ୍ଷା ଅନୁଯାୟୀ ପରିଚାଳିତ ହେବେ ।

ଅଲ୍ଲାଃତାଲା ଏହାର ବ୍ୟବସ୍ଥା କରିସାରିଛନ୍ତି । ଯଦି ଲୋକମାନେ ଏହି ବ୍ୟବସ୍ଥା ଅନ୍ତର୍ଗତ ନଆସିବେ ଓ ନିଜ ଜିଦ୍ଦିରେ ଅଟଳ ରହିବେ ତାହାହେଲେ ଏହାର ସେହି ପରିଣାମ ବାହାରିବ,ଏବେ ବି ବାହାରୁଛି । ଆଜିକାଲି ମୁସଲମାନ୍ ଏହାକୁ ଦେଖୁଛନ୍ତି । ଅଲ୍ଲାଃତାଲା ଏପରି ଲୋକମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ । ଏମାନେ ଆଁ ହଜରତ୍ ସ ଆ ସ ଙ୍କ ସଚ୍ଚା ଦାସଙ୍କୁ ଚିହ୍ନନ୍ତୁ । ଆଁ ହଜରତ୍ ସ ଆ ସ ଙ୍କ ସଚ୍ଚା ଦାସଙ୍କୁ ଅସ୍ୱୀକାର ନକରନ୍ତୁ । ସେ ଯାହା ବି ହେଉ ଏକଥା ସ୍ପଷ୍ଟ ହେଉ ଯେଆଁ ହଜରତ୍ ସ ଆ ସ ଏହା କହିବା ପରେ ପୁଣି ନୀରବ ରହିବା ଅର୍ଥାତ୍ ତୁମମାନଙ୍କ ମଧ୍ୟରେ ଖିଲାଫତ୍ ଅଲା ମିନହାଜେ ନବୁଓ୍ୱତ୍ ଶେଷ ଯୁଗ ପର୍ଯ୍ୟନ୍ତ ତିଷ୍ଠି ରହିବ, ଏହା ଦର୍ଶାଉଛି ଯେ ଏହି ଧାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବ ।

କିଛି ଲୋକେ ଏକଥାକୁ ଠିକ୍ ଭାବରେ ନବୁଝି ଏହା କହୁଛନ୍ତି ଯେ ଆଁ ହଜରତ୍ ସ ଆ ସ ଏହା କହି ପୁଣି ନୀରବ ରହିବାର ଅର୍ଥ ଏହା ହେଉଛି ଯେ ଏହି ନିଜାମ୍ (ବ୍ୟବସ୍ଥା)ଖୁବ୍ ଶୀଘ୍ର ଶେଷ ହୋଇଯିବ । ଅର୍ଥାତ୍ ମସିହ୍ ମଉଦ୍ ଆ ସ ଙ୍କ ପରେ ଖିଲାଫତର ଯେଉଁ ବ୍ୟବସ୍ଥା ଚାଲୁ ହେବାର ଅଛି ତାହା ଶେଷ ହୋଇଯିବ । ଏପରି ଲୋକେ ଭିଷଣ ଭୂଲ କରୁଛନ୍ତି । କାରଣ ସ୍ୱୟଂ ହଜରତ୍ ମସିହ୍ ମଉଦ୍ ଆ ସ ଏହି କଥାକୁ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ନିଜାମ୍ (ବ୍ୟବସ୍ଥା)ଜାରି ରହିବ । ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସହିତ ଅଲ୍ଲାଃତାଲା ଯେଉଁ ପ୍ରତିଶୃତି/ପ୍ରତିଜ୍ଞା କରିଛନ୍ତି ତାହା ପୂରଣ ହେବ ହିଁ ହେବ । ଆକାଶ ଓ ପୃଥିବୀ ଟଳିଯାଇପାରେ କିନ୍ତୁ ଈଶ୍ୱରଙ୍କ ପ୍ରତିଶୃତି/ପ୍ରତିଜ୍ଞା ପୂରଣ ହେବାକୁ କେହି ବି ରୋକିପାରିବେ ନାହିଁ । ଅତଃ ଏକଥା ସ୍ପଷ୍ଟ ଯେ ଏହି ଖିଲାଫତ୍ ବ୍ୟବସ୍ଥା ହେଉଛି ଏକ ଅବିରତ ବ୍ୟବସ୍ଥା । ଏଥି ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ ସ ନିଜ ଜମାଅତକୁ ଉପଦେଶ ଦେଇ କୁହନ୍ତି : "ହେ ମୋର ପ୍ରିୟ ଲୋକମାନେ ! ପ୍ରଚିନ କାଳରୁ ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା ଚାଲିଆସୁଛି । ଅର୍ଥାତ୍ ଅଲ୍ଲାଃତାଲା ଏପରି ଦୁଇଗୋଟି ପରାକ୍ରମ ପ୍ରଦର୍ଶନ କରନ୍ତି, ଯାହା ଫଳରେ ବିରୋଧିମାନଙ୍କର ଦୁଇଗୋଟି ତଥାକଥିତ ଉଲ୍ଲାସକୁ ସେ ପଦଦଳିତ କରିଦିଅନ୍ତି । ଏଣୁ ବର୍ତମାନ ମଧ୍ୟ ଅଲ୍ଲାଃତାଲା ନିଜର ପ୍ରାଚୀନ ପରମ୍ପରାକୁ କେବେ ପରିତ୍ୟାଗ କରିବେ ନାହିଁ । ସୁତରାଂ ମୁଁ ତୁମମାନଙ୍କ ନିକଟରେ ଯେଉଁ ବିଷୟ ବର୍ଣ୍ଣନା କରିଛି ,ସେଥିପାଇଁ ଦୁଃଖିତ ହୁଅ ନାହିଁ ଏବଂ ତୁମାମାନଙ୍କ ହୃଦୟ ବ୍ୟସ୍ତ ବିବ୍ରତ ନ ହେଉ । କାରଣ ତୁମମାନଙ୍କ ପକ୍ଷରେ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ପରାକ୍ରମକୁ ଦେଖିବା ଅନିବାର୍ଯ୍ୟ । ତାହାର (ଦ୍ୱିତୀୟ ପରାକ୍ରମର)ଆଗମନ ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ । କାରଣ ତାହା ଚିରସ୍ଥାୟୀ,ଯାହାର କ୍ରମ ପ୍ରଳୟ ପର୍ଯ୍ୟନ୍ତ ବିଛିନ୍ନ ହେବ ନାହିଁ । ପୁନଶ୍ଚ ମୋର ପ୍ରସ୍ଥାନ ନହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବ ନୁହେଁ । ମାତ୍ର ମୁଁ ଯେବେ ଚାଲିଯିବି , ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କ ପାଇଁ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିବେ ଯାହା ତୁମମାନଙ୍କ ସାଙ୍ଗରେ ସର୍ବଦା ରହିବ । ଏ ସଂକ୍ରାନ୍ତ ପ୍ରତିଶୃତି 'ବରାହିନେ ଅହମଦିୟା' ପୁସ୍ତକରେ ଲିପିବଦ୍ଧ ହୋଇଛି । **(ରିସାଲାଃ ଅଲୱିସିୟତ୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୩୦୫)**

ଅତେବ୍ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଏପରି କହିବା ଯେ ଅଲ୍ଲାଃତାଲାଙ୍କର ପ୍ରତିଶୃତି ରହିଛି ଏବଂ ସେହି ଦ୍ୱିତୀୟ କୁଦରତ୍ (ଶକ୍ତି)ଅର୍ଥାତ୍ ଖିଲାଫତ୍ ତୁମମାନଙ୍କ ମଧ୍ୟରେ କୟାମତ୍ ପର୍ଯ୍ୟନ୍ତ କାଏମ୍ ରହିବ । ଏପରି ଲୋକେ ସର୍ବଦା ଜନ୍ମ ହୋଇଚାଲିଥିବେ ଯେଉଁମାନେ ଖିଲାଫତ୍ ଅହେମଦୀୟାର ସୁରକ୍ଷା କରିଚାଲିବେ । ଆମମାନଙ୍କ ମଧ୍ୟରେ ସେ ହେଉଛନ୍ତି ବଡ଼ ସୌଭାଗ୍ୟବାନ୍ ଯିଏ ଖିଲାଫତ୍ ସହିତ ସର୍ବଦା ଯୋଡ଼ି ହୋଇ ରହୁଛି ଏବଂ ନିଜ ଉତରପିଢ଼ିକୁ ବି ଏହା କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟ ଲୋକ ହେଉଛନ୍ତି ଏମିତି ଲୋକେ ଯେଉଁମାନେ ଖିଲାଫତ୍ ଅହେମଦୀୟାକୁ ଏକ ଯୁଗ ମଧ୍ୟରେ ସୀମିତ ରଖିବାକୁ ଚହୁଁଛନ୍ତି ବା ଏପରି ଚିନ୍ତାଧାରା ରଖିଛନ୍ତି । ଏପରି ଲୋକେ ସର୍ବଦା ବିଫଳତା ଓ ଅସହାୟତାକୁ ଅବଲୋକନ କରିବେ ।

ଜମାଅତର ଇତିହାସ ଏହା ବତାଇ ଆସୁଅଛି ଯେ , ଜମାଅତର ଯେଉଁ ବିରୋଧିମାନେ ଥିଲେ , ସେମାନେ ପ୍ରଥମ ଖଲିଫା ତଥା ଦ୍ୱିତୀୟ ଖଲିଫାଙ୍କ ଚୟନ ସମୟରେ ଏହା ଦେଖିଲେ । ଅର୍ଥାାତ୍ ସେମାନେ ଅସଫଳ ହେଲେ ।

ସେ ଯାହା ବି ହେଉ ହଜରତ୍ ମସିହ୍ ମଉଦ୍ ଆ ସ ଏହି ଖିଲାଫତ୍ କାଏମ୍ ରହିବା ବିଷୟରେ ସ୍ପଷ୍ଟିକରଣ ଦେଇ ପୁଣି କହିଛନ୍ତି ଯେ : "ସେହି ପ୍ରତିଶୃତି "(ଅର୍ଥାତ୍ ଖିଲାଫତ୍ କାଏମ୍ ରହିବାର ପ୍ରତିଶୃତି)"ବ୍ୟକ୍ତିଗତ ଭାବରେ ମୋ ସମ୍ପର୍କରେ ଦିଆଯାଇ ନାହିଁ । ବରଂ ହାହା ତୁମମାନଙ୍କ ସମ୍ପର୍କରେ ଦିଆଯାଇଛି । ସୁତରାଂ ଅଲ୍ଲାଃତାଲା କହିଛନ୍ତି : 'ଆମ୍ଭେ ପ୍ରଳୟ ପର୍ଯ୍ୟନ୍ତ ତୁମର ଅନୁଗାମୀ ଗୋଷ୍ଠୀ (ଜମାଅତ)କୁ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ଅର୍ପଣ କରିବୁ । ତେଣୁ ତୁମମାନଙ୍କ ଠାରୁ ମୋର ବିଦାୟ ହେବା ଅନିବାର୍ଯ୍ୟ ଓ ଏହା ପରେ ହିଁ ପ୍ରତିଶ୍ରୁତି ପାଳନ ଜନିତ ସ୍ଥାୟୀ ଦିବସଟି ଆସିବ । ସେ ଯେଉଁ ଯେଉଁ ବିଷୟରେ ପ୍ରତିଶ୍ରୁତି ଦେଇଛନ୍ତି ; ସେ ସବୁ ତୁମମାନଙ୍କ ନିକଟରେ ପ୍ରଦର୍ଶନ କରିବେ । ଯଦିଚ ଏହି ସମୟ ପୃଥିବୀର ଅନ୍ତିମ ସମୟ ଅଟେ ଓ ଏହି ସମୟ ମଧ୍ୟରେ ବହୁବିଧ ବିପତି ଆସିବା ଅବଶ୍ୟମ୍ଭାବୀ । ତଥାପି ଅଲ୍ଲାଃ ଯେଉଁ ସବୁ ବିଷୟରେ ଜଣାଇ ଦେଇଛନ୍ତି , ସେ ସବୁ ନ ଘଟିବା ପର୍ଯ୍ୟନ୍ତ ଏହି ପୃଥିବୀ ଅବଶ୍ୟ ତିଷ୍ଠି ରହିବ ।" ଏବେ ତ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ ଅଲ୍ଲାଃତାଲାଙ୍କର ଅଗଣତି ପ୍ରତିଶୃତି ପୂରଣ ହେବାକୁ ଅଛି । ସୁତରଂ ହଜରତ୍ ମସିହ୍ ମଉଦ୍ ଆ ସ କହିଲେ "ମୁଁ ଅଲ୍ଲାଃଙ୍କ ତରଫରୁ ଏକ ଶକ୍ତି ସ୍ୱରୂପ ଆବିର୍ଭାବ ହୋଇଛି । ମୁଁ ଅଲ୍ଲାଃଙ୍କର ଏକ ମୂର୍ତୀମନ୍ତ ପ୍ରତୀକ । ମୋ ଅନ୍ତେ ଅନ୍ୟ କେତେକ ଦେହଧାରୀ ଜନ୍ମଗ୍ରହଣ କରିବେ । ସେମାନଙ୍କ ରୂପରେ ଦ୍ୱିତୀୟ ଶକ୍ତି ପ୍ରଦର୍ଶିତ ହେବ । "**ତେଣୁ ତୁମେମାନେ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ଦିବ୍ୟଶକ୍ତିର ପ୍ରତୀକ୍ଷାରେ ସମବେତ ହୋଇ ପ୍ରାର୍ଥନା କରୁଥାଅ । ଧର୍ମପ୍ରାଣ (ରିସାଲାଃ ଅଲୱିସିୟତ୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୩୦୫,୩୦୬)**

ଅତଃ ଇସଲାମର ଦ୍ୱିତୀୟ ଯୁଗରେ ନବୀକରଣ ତଥା ବିକାଶ ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ ଯେଉଁ ପ୍ରତିଶୃତି କରାଯାଇଅଛି , ଯେଉଁ କଥାକୁ ପୂରଣ କରିବା ନମନ୍ତେ ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ବତାଇଛନ୍ତି ତାହା ଇନଶାଅଲ୍ଲାଃ ନିଶ୍ଚିତ ରୂପେ ପୂରଣ ହେବ । ସେହି ପ୍ରତିଜ୍ଞା ନଶ୍ଚେ ପୂରଣ ହେବ । ଇସଲାମର ବିଜୟର ଦିନ ଆମ ଜମାଅତ୍ ଇନଶାଅଲ୍ଲାଃ ନିଶ୍ଚିତ ଦେଖିବ । ଜମାଅତର ଉନ୍ନତିର ଦିନ ଏ ଜମାଅତ୍ ଦେଖିବ । ଇନଶାଅଲ୍ଲାଃ । ଯେଉଁ ଲୋକମାନେ ଖିଲାଫତ୍ ସହିତ ନିଜକୁ ଯୋଡ଼ି ରଖିବେ ସେମାନେ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହୋଇଚାଲିବେ ।

ଜମାତ୍ ଅହେମଦୀୟା ଏ ଦୁନିଆରେ ବ୍ୟାପିଯିବ । ଏହି କଥାକୁ ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି । ଅତେବ ଆପଣ ଆ ସ ନିଜ ଜମାତର ଆଧିପତ୍ୟ/ବିଜୟ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ : " ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା । ସେ ଯେଉଁ ସମୟରୁ ଭୂପୃଷ୍ଠରେ ମଣିଷ ସୃଷ୍ଟି କରିଛନ୍ତି, ସେହି ସମୟରୁ ଏହି ପରମ୍ପରା ପ୍ରକଟିତ କରି ଚାଲିଛନ୍ତି । ସେ ଆପଣା ଅବତାର (ନବି ଓ ରସୁଲ)ମାନଙ୍କୁ ସହାୟତା ପ୍ରଦାନ କରି ଆସୁଛନ୍ତି ଓ ସେମାନଙ୍କୁ ବିଜୟ ମଣ୍ଡିତ କରୁଛନ୍ତି । ପୁନଶ୍ଚ ଅଲ୍ଲାଃ କହୁଛନ୍ତି **କତବଲ୍ଲାହୁ ଲଅଗଲିବନ୍ନା ଅନା ୱ ରୁସୁଲି** । (ସୁରଃ ମୁଜାଦଲାଃ : ୨୨) **ଏବଂ** ବିଜୟ ମଣ୍ଡିତ କରୁଛନ୍ତି କହିବାର ମର୍ମ ହେଉଛି , ଯେପରି ନବୀ ଓ ରସୁଲମାନେ ଏ ପ୍ରକାର କାମନା କରିଥାନ୍ତି ଯେ ଅଲ୍ଲାଃଙ୍କର କଥନ ଭୂପୃଷ୍ଠରେ ସତ୍ୟ ପ୍ରତିପାଦିତ ହେଉ ଏବଂ ଏହା ବିରୁଦ୍ଧରେ କୌଣସି ବ୍ୟକ୍ତି ପ୍ରତିବାଦ କରିବାକୁ ସକ୍ଷମ ନହେଉ , ସେହିପରି ଅଲ୍ଲାଃତାଲା ଅପ୍ରତିହତ ନିଦର୍ଶନ ଦ୍ୱାରା ସେମାନଙ୍କ ସତ୍ୟବାଦୀତାକୁ ପ୍ରକଟିତ କରିଥାନ୍ତି । ଫଳରେ ଯେଉଁ ସତ୍ୟନିଷ୍ଠାକୁ ସେମାନେ ପୃଥିବୀରେ ପ୍ରସାରିତ କରିବାକୁ ଚାହାନ୍ତି ,ସେହିମାନଙ୍କ ହାତରେ ସେ ତାହାରି ବୀଜ ବପନ କରାନ୍ତି । କିନ୍ତୁ ତାହାର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସେମାନଙ୍କ ଦ୍ୱାରା କରାଇ ନଥାନ୍ତ ବରଂ...... ସେ ନିଜର ଏକ ନୂତନ ଶକ୍ତି ପ୍ରଦର୍ଶନ କରି ଏପରି ସାଧନ ସୃଷ୍ଟି କରିଥାନ୍ତି ଯାହା ମାଧ୍ୟମରେ ଯେ୍ଉଁ ସବୁ ଉଦ୍ଧେଶ୍ୟ ଯେତିକି ପରିମାଣରେ ଅପୂରଣୀୟ ରହି ଯାଇଥାଏ, ସେହିସବୁ ଉଦ୍ଧେଶ୍ୟ ସମ୍ପୂର୍ଣ୍ଣ ଭାବରେ ସାଧିତ ହୁଏ ।" **(ରିସାଲାଃ ଅଲୱିସିୟତ୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୩୦୪)**

**ଅତଃ** ହଜରତ୍ ମସିହ୍ ମଉଦ୍ ଆ ସ ଯେଉଁ ଭବିଷ୍ୟବାଣୀ କରିଛନ୍ତି,ଅଲ୍ଲାଃତାଲାଙ୍କର ଯେଉଁ ପ୍ରତିଶୃତି ବିଷୟରେ ଚର୍ଚ୍ଚା କରିଛନ୍ତି , ତାହା ପୂରଣ ହୋଇ ରହିବ । ପୁଣି ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ପରେ ଜାରି ହେବାକୁ ଥିବା ଖିଲାଫତ୍ ଜରିଆରେ ସେହି ପ୍ରତିଶୃତି ପୂରଣ ହେବ ।

ଅଲ୍ଲାଃତାଲା ଆମ ଜମାଅତକୁ ଉନ୍ନତି ପ୍ରଦାନ କରିବେ ଏବଂ କରୁଛନ୍ତି ବି । ସେ ସ୍ୱୟଂ ଲୋକମାନଙ୍କର ମାର୍ଗଦର୍ଶନ କରାଉଛନ୍ତି । ଖିଲାଫତ୍ ସହିତ ସେମାନଙ୍କୁ ଯୋଡୁଛନ୍ତି ଏବଂ ଯୋଡ଼ି ଚାଲିଛନ୍ତି । ଅନ୍ୟଥା ଏହା ମଣିଷ ହାତର କଥା ନୁହେଁ । ଜମାଅତର ଲୋକାମାନଙ୍କୁ ଏବଂ ଯୁଗ ଖଲିଫାଙ୍କୁ ଏପରି ଏକ ବନ୍ଧନରେ ବାନ୍ଧିବା ଯାହାର ଉଦାହରଣ ମିଳିବା ସମ୍ଭବ ନୁହେଁ । ଏହା ମଣିଷ ହାତର କଥା ନୁହେଁ । ନା କେବଳ ଏତିକି କି ସେ ସେହି ଲୋକମାନଙ୍କ ହୃଦୟକୁ ଖିଲାଫତ୍ ସହିତ ଯୋଡୁଛନ୍ତି ଯେଉଁମାନେ ପୂର୍ବରୁ ଅହେମଦୀ ଅଛନ୍ତି ବରଂ ଏପରି ଲୋକମାନଙ୍କର ହୃଦୟକୁ ବି ସେ ଖିଲାଫତ୍ ସହିତ ଯୋଡୁଛନ୍ତି ଯେଉଁମାନେ ସ୍ୱୟଂ ପରେ ଅହେମଦୀୟତରେ ସାମିଲ ହେଉଛନ୍ତି । ବିଲକୁଲ୍ ନୂଆ ଲୋକମାନଙ୍କର , ଯେ୍ଉଁମାନଙ୍କର ସମ୍ପୂର୍ଣ୍ଣରୂପେ ପ୍ରଶିକ୍ଷଣ ବି ହୋଇନାହିଁ । ଏହା କେବଳ ଅଲ୍ଲାଃତାଲାଙ୍କର ହିଁ କାମ । ସେହି ନିଷ୍ଠା ଓ ଭକ୍ତିଭାବ ବୟତ କରିବା ପରେ ଲୋକମାନେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସହିତ ଦେଖାଉଛନ୍ତି । ସେହି ନିଷ୍ଠା ଓ ଭକ୍ତିଭାବ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ମିଶନକୁ ପୂରଣକରିବା ପାଇଁ ତଥା ହଜରତ୍ ମସିହ୍ ମଉଦ୍ ଆ ସଙ୍କ ନାମରେ ଖିଲାଫତ୍ ଅହେମଦୀୟା ସହିତ ଦେଖାଉଛନ୍ତି

ହଜରତ୍ ଖଲିଫା ଅୱଲ୍ (ପ୍ରଥମ ଖଲିଫା)ର ଅ ଙ୍କ ବୟତ ଯେଉଁଭଳି ଲୋକମାନେ କରିଥିଲେ, ତାହା ଅଲ୍ଲାଃତାଲାଙ୍କ ଶୁଦ୍ଧ ସମର୍ଥନ ଓ ସହଯୋଗ ନଥିଲା ତ ଆଉ କ'ଣ ଥିଲା ।

ଅଳ୍ପ କେତେକ କପଟୀ ଲୋକମାନଙ୍କ ବ୍ୟତୀତ, ଓ ଏପରି କପଟୀ ଲୋକେ ପ୍ରତ୍ୟେକ ଗୋଷ୍ଠିରେ ଥାଆନ୍ତି । ଅତଃ ଏପରି ଲୋକମାନଙ୍କୁ ବାଦ୍ ଦେଲେ ବାକି ସବୁ ଖିଲାଫତର ପ୍ରେମି ଦିନକୁ ଦିନ ବଢ଼ିଚାଲିଲେ । ଯେଉଁମାନେ କପଟୀଥିଲେ ସେମାନଙ୍କର ଖବର ଆପଣ ର ଅ ଭଲଭାବରେ ନେଲେ ଓ ସେମାନଙ୍କୁ ସେମାନଙ୍କ ଉଚିତ ସ୍ଥାନ ଦେଖାଇଦେଲେ । ସେମାନଙ୍କୁ ଆଉ ମିଣ୍ଡ ଟେକିବାକୁ ସାହାସ ହେଲା ନାହିଁ । ପୁଣି ଖିଲାଫତେ ସାନିୟା (ଦ୍ୱିତୀୟ ଖଲିଫା)ଚୟନ ସମୟରେ ସେହି ବିରୋଧିମାନଙ୍କ କୋଳାହୋଳ ସତ୍ୱେ ବି , ଯେଉଁମାନେ ପ୍ରଥମ ଖିଲାଫତ୍ ସମୟରୁ କପଟତା ପଦର୍ଶନ କରି ଆମ ଜମାଅତରେ ରହିଆସୁଥିଲେ , ସେମାନେ ଖିଲାଫତେ ସାନିୟା (ଦ୍ୱିତୀୟ ଖଲିଫା)ଚୟନ ସମୟରେ ବି ବିରୋଧ କଲେ । କିନ୍ତୁ ଆମ ଜମାଅତ୍ ଲୋକଲମାନେ ଏପରି ଲୋକମାନଙ୍କ ବିଭ୍ରାନ୍ତିକର ବୟାନ୍ ସତ୍ୱେ , ପାଟିତୁଣ୍ଡ ଓ କୋଳାହଳ ସତ୍ୱେ ତଥା ବିଭ୍ରାଟ କରିବା ସତ୍ୱେ ବି ମିଆଁ ସାହେବ୍ , ହଜରତ୍ ମିର୍ଜା ମେହମୁଦ୍ ଅହେମଦ୍ ସାହେବ୍ ର ଅ ଡ଼ାକପକାଇ ହଜରତ୍ ଖଲିଫତୁଲ୍ ସାନି ର ଅଙ୍କ ହାତରେ ବୟତ କରିନେଲେ । ପୁଣି ଏ

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ସଂସାରବାସୀ ଦେଖିନେଲେ ଯେ କିପରି କ୍ଷିପ୍ର ଗତିରେ ଜମାଅତ୍ ଉନ୍ନତି କରିଚାଲିଲା । ଦୁନିଆରେ ମିଶନ ହାଉସ୍ ଖୋଲାଗଲା । ମସଜିଦ୍ ନିର୍ମାଣ କରାଗଲା । ଲିଟରେଚର୍ ପ୍ରକାଶିତ ହେଲା । ଯେଉଁ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ହଜରତ୍ ମସିହ୍ ମଉଦ୍ ଆ ସ ଆସିଥିଲେ, ସେହି କାର୍ଯ୍ୟକୁ ନେଇ ଆଗକୁ ବଢ଼ିଚାଲିଲେ ।

ପୁଣି ଖିଲାଫତେ ସାଲସାଃ (ତୃତୀୟ ଖଲିଫା) ଙ୍କ ସମୟରେ , ସେ ସମୟର ଶାସକ ତରଫରୁ ଭିଷଣ ଆକ୍ରମଣ କରାଯିବା ସତ୍ତ୍ୱେ ବି ଅଲ୍ଲାଃତାଲା ଏ ଜମାଅତକୁ ବଢ଼ାଇ ଚାଲିଲେ । ଆମ ଜମାଆତ ହାତରେ ଭିକ୍ଷା ଥାଳି ଧରାଇଦେବା କଥା କହୁଥିବା ଲୋକେ ନିଜେ ଏ ଦୁନିଆରୁ ବହୁତ ଦୟନୀୟ ଅବସ୍ଥାରେ ବିଦାୟ ନେଲେ ।

ପୁଣି ଖିଲାଫତେ ରାବିୟାଃ(ଚତୁର୍ଥ ଖଲିଫା)ଙ୍କ ସମୟରେ ବିକାଶର ଆଉ ଏକ ନୂଆ ଅଧ୍ୟାୟ ଖୋଲିଲା । ଅଲ୍ଲାଃତାଲାଙ୍କ ସାହାଯ୍ୟ ସମର୍ଥନର ଗୋଟିଏ ନୂଆ ଦୃଶ୍ୟ ଆମେ ଦେଖିଲେ । ଇସଲାମର ପ୍ରଚାର ପ୍ରସାରର ନୂଆ ନୂଆ ମାର୍ଗ ଖୋଲାଗଲା । ଖଲିଫାଙ୍କ ହାତ କାଟିଦେବାକୁ ଭାବୁଥିବା ଲୋକମାନଙ୍କର ନିଜ ହାତ ହିଁ କଟିଗଲା ଓ ଏ ଆକାଶରେ ତାଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇ ଉଡ଼ିଗଲା । କିନ୍ତୁ ଜମାଅତର ଉନ୍ନତିର ପାଦ ଥମିଗଲା ନାହିଁ । ତବଲିଗ୍ କ୍ଷେତ୍ର ବିସ୍ତାର ହେଲା । ଏମ ଟି ଏ ର ଶୁଭାରମ୍ଭ ହେଲା ଓ ତାହା ପ୍ରତ୍ୟେକଙ୍କ ଘରେ ଜମାଅତର ବାର୍ତ୍ତାକୁ ପହଂଚାଇବା ଆରମ୍ଭ କରିଦେଲା । ଏହା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ କରାଯାଇଥିବା ଅଲ୍ଲାଃତାଲାଙ୍କ ପ୍ରତିଶୃତି ପୂରଣ ଦିଗରେ ଏକ ଅଗ୍ରଗତି । ବସ୍ତବରେ ଏହା ହିଁ ପ୍ରକୃତ କଥା କିନ୍ତୁ ଏହାକୁ ବୁଝିଲେ ତ ହେଲା । ଯଦି ଏହା ଅଲ୍ଲାଃତାଲାଙ୍କ ପ୍ରତିଶୃତି ପୂରଣ ହେବା ନୁହେଁ ତାହେଲେ ଆଉ କ'ଣ ଥିଲା ?

ପୁଣି ଖିଲାଫତେ ଖାମସା (ପଂଚମ)ରେ ବି ଅଲ୍ଲାଃତାଲା ନିଜର ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ଦେଖାଇଲେ । ଏମ୍ ଟି ଏ ରେ ଇସଲାମର ବାର୍ତ୍ତା ପହଂଚାଇବା ତଥା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ମିଶନକୁ ପୂରଣ କରିବା ନିମନ୍ତେ ରାସ୍ତା ଖୋଲିବାର ବ୍ୟବସ୍ଥା କରାଗଲା । ଗୋଟିଏ ଚ୍ୟାନେଲ୍ ପରିବର୍ତେ ଏମ୍ ଟି ଏ ର ସାତ ସାତୋଟି ଚ୍ୟାନେଲ୍ ବିଭିନ୍ନ ଭାଷାରେ ଜାରି ହେଲା । ଦୁନିଆର ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଦୁନିଆର ପ୍ରତ୍ୟେକ କୋଣକୁ , ଯେଉଁଠାକୁ ପ୍ରଥମେ ଏମ୍ ଟି ଏ ପହଂଚି ପାରୁନଥିଲା ,ସେଠାରେ ମଧ୍ୟ ଏମ୍ ଟି ଏ ପହଂଚିଗଲା । ସେଠିକାର ଭାଷାରେ ସେହି ଲୋକମାନଙ୍କୁ , ସେହି ଦେଶରେ ରହୁଥିବା ଲୋକମାନଙ୍କ ନିକଟରେ ଅହେମଦୀୟତ୍ ଏବଂ ପ୍ରକୃତ ଇସଲାମର ବାର୍ତ୍ତା ପହଂଚିବାକୁ ଲାଗିଗଲା । ଏହା ଦ୍ୱାରା ଲକ୍ଷ ଲକ୍ଷ ପୂଣ୍ୟାତ୍ମାକୁ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଲା ।

ପୁଣି ଅଲ୍ଲାଃତାଲା ଏମ୍ ଟି ଏ ତଥା ରେଡ଼ିଓ ପ୍ରୋଗ୍ରାମ ବ୍ୟତୀତ ନିଜେ ସ୍ୱୟଂ ବି ମାର୍ଗଦର୍ଶନ କଲେ । ଲୋକମାନଙ୍କୁ ସ୍ୱପ୍ନ ଜରିଆରେ ଏବଂ ବିଭିନ୍ନ ଲିଟରେଚର୍ ଜରିଆରେ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଲା । ଯେବେ ଆମେମାନେ ଅହେମଦୀୟତର ଇତିହାସକୁ ଦେଖିଥାଉଁ ଏକଥା ସ୍ପଷ୍ଟ ହୋଇଯାଉଛି ଯେ କିପରି ଅଲ୍ଲାଃତାଲା କିଛି ଲୋକଙ୍କୁ ନିଜେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମାନିନେବା ପାଇଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଯୁଗରେ ହିଁ ମାର୍ଗଦର୍ଶନ କରୁଥିଲେ । ପୁଣି ଏହି ଧାରା ହଜରତ୍ ଖଲିଫା ଅୱୱଲ୍ (ପ୍ରଥମ ଖଲିଫା)ଙ୍କ ଯୁଗରେ ବି ଜାରି ରହିଲା । ଅଲ୍ଲାଃତାଲା ସ୍ୱୟଂ ମାର୍ଗଦର୍ଶନ କରୁଥିଲେ । ପୁଣି ଆହୁରି ଅନେକ ଶୁଦ୍ଧାତ୍ମା ଏହି ଜମାଅତରେ ସାମିଲ୍ ହୋଇଚାଲିଲେ । ପୁଣି ଖିଲାଫତେ ସାନିୟା (ଦ୍ୱିତୀୟ)ରେ ବି ଏହିପରି ଅନେକ ଘଟଣମାନ ଘଟିଛି । ପୁରୁଣ ପୁରୁଣା ପରିବାରଗୁଡ଼ିକରେ , ସେମାନଙ୍କ ଘରେ ଏହି ରିୱାୟତ୍ ପରମ୍ପରା ଚାଲିଆସୁଅଛି ଯେ କିପରି ସେମାନଙ୍କ ପୁତୃପୁରୁଷମାନଙ୍କୁ ସତ୍ୟ ଗ୍ରହଣ କରିବାକୁ ସୌଭାଗ୍ୟ ମିଳିଥିଲା । ପୁଣି ଖିଲାଫତେ ସାଲସାଃ(ତୃତୀୟ)ରେ ବି ଏହି କ୍ରମ ଦେଖିବାକୁ ମିଳିଲା । ପୁଣି ଖିଲାଫତେ ରାବିୟାଃ (ଚତୃର୍ଥ ଖଲିଫା)ସମୟରେ ବି ପୂଣ୍ୟାତ୍ମା ମାନଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ ଅହେମଦୀୟରତ୍ ଗ୍ରହଣ କରିବା ପ୍ରତି ମାର୍ଗଦର୍ଶନ ମିଳିଲା । ଏହା ସବୁ ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ କରିଥିବା ପ୍ରତିଜ୍ଞା/ପ୍ରତିଶୃତିର ପରିଣାମ ଥିଲା । ଏହିପରି ପ୍ରତ୍ୟେକ ଖିଲାଫତ୍ ସମୟରେ ଜମାଅତ୍ ଅଗ୍ରଗତି କରିଚାଲିଲା । ଖିଲାଫତେ ଖାମସା (ପଂଚମ ଖିଲାଫତ୍) ସମୟରେ ବି ଅଲ୍ଲାଃତାଲାଙ୍କର ଏହି ବ୍ୟବହାର ଜାରି ରହିଛି । ତବଲିଗର ନୂଆ ନୂଆ ରାସ୍ତା ଅଲ୍ଲାଃତାଲା ଖୋଲିଚାଲିଛନ୍ତି ଓ ଲୋକମାନଙ୍କ ହୃଦୟକୁ ମଧ୍ୟ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ବାର୍ତ୍ତାକୁ , ଯାହା ହେଉଛି ଇସଲାମର ପ୍ରକୃତ ବାର୍ତ୍ତା , ତାହା ଶୁଣିବା ପାଇଁ ତଥା ତାହାକୁ ଗ୍ରହଣ କରିବା ପ୍ରତି ଉନ୍ମୁକ୍ତ କରିଚାଲିଛି । ଏମିତି ସବୁ ଘଟଣାମାନ ଘଟିଯାଉଛି , ତାହା ଶୁଦ୍ଧ ଈଶ୍ୱରୀୟ ସମର୍ଥନକୁ ସୂଚିତ କରୁଅଛି । ଅନ୍ୟଥା କେବଳ ମାନବିକ ଉଦ୍ୟମ ବା ଚେଷ୍ଟା ଦ୍ୱାରା ଲୋକମାନେ କେବେ ବି ଗ୍ରହଣ କରିବେ ନାହିଁ । ମୁଁ ଏଠାରେ କିଛି ଘଟଣା ଉପସ୍ଥାପନ କରୁଅଛି ଯେ କିପରି ଅଲ୍ଲାଃତାଲା ଲୋକମାନଙ୍କ ହୃଦୟକୁ ଇସଲାମ୍ ତଥା ଅହେମଦୀୟତ୍ ପ୍ରତି ଆକୃଷ୍ଟ କରିବାର ସାଧନ ଯୋଗାଇ ଦେଉଛନ୍ତି । ଖିଲାଫତେ ଅହେମଦୀୟାର ଯେଉଁ ସତ୍ୟତା ରହିଛି , ତାହା ସେମାନଙ୍କ ଉପରେ ଖୋଲିଛନ୍ତି ଏବଂ କିପରି ଲୋକମାନଙ୍କ ହୃଦୟରେ ଖିଲାଫତ୍ ସହିତ ପ୍ରେମଭାବ ସୃଷ୍ଟି କରିଛନ୍ତି ।

ଗିନି ବସାଓ ହେଉଛି ଆଫ୍ରିକାର ଦୂର ଦୂରାନ୍ତ ଇଲାକାରେ ଥିବା ଗୋଟିଏ ଦେଶ । ସେଠାରେ ଅବ୍ଦୁଲ୍ଲାଃ ସାହିବ ନାମକ ଜଣେ ଖ୍ରୀଷ୍ଟିଆନ୍ ବନ୍ଧୁ ଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ କିଛି ଦିନ ପୂର୍ବେ ସେ ସ୍ୱପ୍ନରେ ଦେଖିଲେ ଯେ ଜଣେ ବ୍ୟକ୍ତି ଅଛନ୍ତି ,ଯାହାଙ୍କର ଧଳା ଦାଢ଼ି ରହିଛି ଏବଂ ସେ ଧଳା ରଙ୍ଗର ପଗଡ଼ି ପିନ୍ଧିଛନ୍ତି ଓ ଲୋକମାନଙ୍କୁ ସମ୍ବୋଧନ କରୁଛନ୍ତି । ଲୋକମାନେ ତାଙ୍କ ଭାଷଣକୁ ନୀରବରେ ଶୁଣୁଛନ୍ତି । ପୁଣି ସେ କୁହନ୍ତି ଯେ ସେହି ବ୍ୟକ୍ତିଙ୍କ ଭାଷଣ ଦେବାର ଶୈଳୀ ସମ୍ପୂର୍ଣ୍ଣ ସାଧା ଓ ନିଆରା ଶୈଳୀ ଥିଲା । ଯେବେ ତାଙ୍କର ଆଖି ଖୋଲିଲା , ସେ ସବୁକିଛି ଭୂଲିଗଲେ । କିଛି ଦିନ ଅନ୍ତେ ପୁଣି ସେ ସେହିପରି ସମାନ ସ୍ୱପ୍ନ ଦେଖିଲେ । ଏଥରକ ସେ ସେହି ଚେହେରାକୁ ମନେ ରଖିଦେଲେ । ପୁଣି ତୃତୀୟଥର ସେ ସ୍ୱପ୍ନ ଦେଖିଲେ । ସୁତରାଂ ସେ ଏ ଚେଷ୍ଟା କରୁଥିଲେ ଯେ ଏହି ଲୋକଜଣକ କିଏ ? କିନ୍ତୁ ସେ ଜାଣିପାରିଲେ ନାହିଁ । ସଂଯୋଗବସତଃ ଦିନେ ତାଙ୍କ ଗ୍ରାମର ନିକଟତର ସହର ଫରିନ୍ (Farin)ଠାରେ ଅବସ୍ଥିତ ଆମ ମସଜିଦକୁ ସେ ଗଲେ । ସେହି ଦିନ ଜୁମା ଥିଲା । ଜମାଅତର ସଦ୍ୟସମାନେ ଏମ୍ ଟି ଏ ରେ ମୋର ଖୁତବା ଶୁଣୁଥିଲେ । ସେ କୁହନ୍ତି ଯେ ମତେ ଦେଖିକି ସେ ତୁରନ୍ତ ମୁଅଲ୍ଲିମ୍ ସାହେବଙ୍କୁ ପଚାରିଲେ ଯେ ଯେଉଁ ବ୍ୟକ୍ତି ଜଣକ ଖୁତବା ଦେଉଛନ୍ତି ସେହି ବ୍ୟକ୍ତି ଜଣକ କିଏ ? ସେ କହିଲେ ଯେ ଏହି ବ୍ୟକ୍ତି ଜଣକ ହେଉଛନ୍ତି ଆମ ଖଲିଫା । ସେ ସେଠାରେ ନୀରବ ହୋଇ ବସି ଖୁତବା ଶୁଣିଲେ । ଜୁମା ଖୁତବା ପରେ ଜମାଅତର ସଦ୍ୟସମାନ୍‌ଙ୍କ ସହିତ ନମାଜ ବି ପଢ଼ିଲେ । ନମାଜ ଶେଷ ହେବା ମାତ୍ରେ ସେ ଠିଆ ହୋଇଗଲେ ଏବଂ ଉପସ୍ଥିତ ଲୋକମାନଙ୍କୁ କହିଲେ ମୁଁ ଆଜି ଇସଲାମ୍ ଗ୍ରହଣ କରୁଅଛି । ପୁଣି ସେ କହିବାକୁ ଲାଗିଲେ ଯେ ଅଲ୍ଲାଃତାଲା ମୋତେ ସ୍ୱପ୍ନରେ ତିନି ତିନିଥର ଏହି ବ୍ୟକ୍ତି ଜଣକୁ ଦେଖାଇଛନ୍ତି ଯାହା ମୋ ଆତ୍ମା ଉପରେ ବଡ଼ ପ୍ରଭାବ ପକାଇଥିଲା । ମୁଁ ଅନେକ ଦିନରୁ ତାଙ୍କୁ ଖୋଜୁଥିଲି କିନ୍ତୁ ଆଜି ମୁଁ ସଂଯୋଗବସତଃ ଆପଣଙ୍କ ମସଜିଦକୁ ଆସିଲି ଓ ଏଠାରେ ଯୁଗ ଖଲିଫାଙ୍କୁ ଦେଖିବାକୁ ସୁଯୋଗ ପାଇଲି । ଏହା ହେଉଛି ସେହି ଚେହେରା ଯାହାଙ୍କୁ ମୁଁ ସ୍ୱପ୍ନରେ ଦେଖିଆସୁଥିଲି ଏବଂ ଠିକ୍ ସେହିପରିକା ଦୃଶ୍ୟ ଥିଲା ଯାହା ମୁଁ ସ୍ୱପ୍ନରେ ଦେଖିଥିଲି ଯେ ଲୋକମାନେ ନୀରବତା ଅବଲମ୍ବନ କରି ବସିଛନ୍ତି ଓ ତାଙ୍କର ଭାଷଣକୁ ଶୁଣୁଛନ୍ତି । ଏବେ ମୁଁ ଇସଲାମ୍ ଅହେମଦୀୟତରେ ଦାଖିଲ୍ ହେଉଅଛି ।

ଗୋଟିଏ ଦୂରଦୂରାନ୍ତ ଇଲାକାର ବ୍ୟକ୍ତିର ମାର୍ଗଦର୍ଶନ ଏପରି କରାଇଲେ ଯେ , ସେ ପ୍ରଥମେ ସ୍ୱପ୍ନରେ ଦେଖିଲେ । ପୁଣି ଅଲ୍ଲାଃତାଲା ଏମିତି ଉପାୟ ବା ଏପରି ସାଧନ ଯୋଗାଇଦେଲେ ଯେ ଏମିତିକା ଦୃଶ୍ୟ ଦେଖିବାକୁ ମିଳିଲା ।

କିଛି ଲୋକେ ଏହା କହିଥାନ୍ତି ଯେ ଆମ ସାଥିରେ ଏମିତି କାହିଁକି ହୁଏ ? ଏହାର ଉତର ଏତିକି ଯେ ଏହା ତ ହେଉଛି କେବଳ ଅଲ୍ଲାଃତାଲାଙ୍କ କୃପା ସେ ଯାହାକୁ ଚାହିଁବେ ମାର୍ଗଦର୍ଶନ କରିବେ । କିନ୍ତୁ ଏଥି ସକାଶେ ପୂଣ୍ୟସ୍ୱଭାବର ହେବା ଆବଶ୍ୟକ ଏବଂ ଅଲ୍ଲାଃତାଲାଙ୍କ ଆଡ଼କୁ ଆକୃଷ୍ଟ ହେବା ଜରୁରୀ । ନିଶ୍ଚିତ ରୂପେ ସେହି ଲୋକର କିଛି ପୂଣ୍ୟ ଥିବ ଫଳତଃ ଅଲ୍ଲାଃତାଲା ତା ସହିତ ଏପରି ବ୍ୟବହାର କଲେ ବା ତାଙ୍କର ଏପରି ମାର୍ଗଦର୍ଶନ କଲେ ।

ପୁଣି ଗାମ୍ବିଆ ଦେଶର ଅମୀର୍ ସାହେବ୍ ଲେଖିଛନ୍ତି ଯେ ସେଠାରେ ସିଷ୍ଟର୍ ଫାଟୋ ସାହିବା ନାମକ ଜଣେ ମହିଳା ଅଛନ୍ତି । ତାଙ୍କ ବୟସ ପାଖା ପାଖି ୬୦ । ସେହି ମହିଳା ଜଣକ କୁହନ୍ତି ଯେ ଆମ ଇଲାକାରେ ଇସଲାମୀ ସଂଗଠନ କିଛି ଲୋକ ଆସିଲେ ଓ ସେମାନେ କହିବାକୁ ଲାଗିଲେ ଯେ ଅହେମଦୀମାନେ ହେଉଛନ୍ତି କାଫିର୍ (ଅର୍ଥାତ୍ ବିଧର୍ମି) । ଅହେମଦୀମାନେ ବୈକୁଣ୍ଠକୁ ଯାଇପାରିବେ ନାହିଁ । ତେଣୁ ଏମାନଙ୍କ ସହିତ କୌଣସି ପ୍ରକାରର କାରବାର କରାଯିବା ଉଚିତ ନୁହେଁ । ଗ୍ରାମରେ ଅଧିକାଂଶ ଲୋକେ ସେହି ଲୋକମାନଙ୍କ କଥାକୁ ମାନି ନେଲେ । କିନ୍ତୁ ସେହି ମହିଳା ଜଣକ କୁହନ୍ତି ଯେ ସେ ଏକଥା ଶୁଣି ବହୁତ ଚିନ୍ତିତ ହେଲେ ଫଳତଃ ସେ ଅଲ୍ଲାଃତାଲାଙ୍କଠାରୁ ମାର୍ଗଦର୍ଶନ ପାଇବା ପାଇଁ ପ୍ରାର୍ଥନା କରିବା ଆରମ୍ଭ କଲେ । କିଛି ଦିନ ପରେ ସେ ଗୋଟିଏ ସ୍ୱପ୍ନ ଦେଖିଲେ ଯେ ସେହି ଇସଲାମୀ ଗ୍ରୁପର ଲୋକମାନେ ଯେଉଁମାନେ ତାଙ୍କ ଗାଁକୁ ଆସିଥିଲେ ,ସେମାନଙ୍କ ଆଖି ତାରାମାନଙ୍କ ଭଳି ଚମକୁ ଥିଲା ଏବଂ ସେମାନେ ନିଜ ହାତରେ ପବିତ୍ର କୁରଆନ ଧରିଥିଲେ । କିନ୍ତୁ ସେମାନେ ଏ ଅଭିଯୋଗ କରୁଥିଲେ ଯେ ସେମାନେ ପବିତ୍ର କୁରଆନକୁ ଦେଖରପାରୁନାହାନ୍ତି । ତାପରେ ସେମାନେ ଚିତ୍କାର କରିବାକୁ ଲାଗିଲେ ଯେ ଅଲ୍ଲାଃତାଲା ସେମାନଙ୍କୁ ଅନ୍ଧ କରିଦେଇଛନ୍ତି । ସେଥିଯୋଗୁଁ ସେମାନେ କୌଣସି ରୋଜଗାର କରିପାରିପାରିବେ ନାହିଁ । ସେମାନେ ଏବେ ତଳିତଳାନ୍ତ ହୋଇଗଲେ । ପୁଣି ସେହି ମହିଳ ଜଣକ କହୁଛନ୍ତି ଯେ ମୁଁ ସେହି ଲୋକମାନଙ୍କୁ ସ୍ୱପ୍ନରେ ଦେଖିଲି କି ସେମାନେ ଯୁଗ ଖଲିଫାଙ୍କ ସହିତ ହାତ ମିଳାଇବାକୁ ଚାହୁଁଛନ୍ତି । କିନ୍ତି ଏଥିରେ ସେମାନେ ସଫଳ ହୋଇପାରୁନାହାନ୍ତି । ପୁଣି ସେମାନେ ଏକଥାକୁ ସ୍ୱୀକାର କରୁଛନ୍ତି ଯେ ଅହେମଦୀୟତ୍ ତ ଅବଶ୍ୟ ସତ୍ୟ କିନ୍ତୁ ଯଦି ଆମେ ମାନି ନେଉଛୁ ତାହେଲେ ଆମ ଶିଶ୍ୟମାନେ ଆମଠାରୁ ଦୂରେଇଯିବେ । ସେ ଯାହା ବି ହେଉ ସେହି ମହିଳା ଜଣକ ନିଜ ପରିବାରର ଲୋକମାନଙ୍କୁ ସକାଳବେଳା ଏହି ସ୍ୱପ୍ନ ବତାଇଲେ । ଲୋକମାନେ କୁହନ୍ତି ଯେ ଆଫ୍ରିକୀୟ ଲୋକମାନଙ୍କର ସେମିତି କିଛି ବୁଝାମଣା ନଥାଏ ବୋଲି । କିନ୍ତୁ ସେ ଯାହା ବି ହେଉ ସେହି ମହିଳା ଜଣକ ନିଜ ସ୍ୱପ୍ନର ଅର୍ଥ ନିଜେ ବାହାରକଲେ ଯେ ଯେଉଁଭଳି ସେହି ଲୋକମାନଙ୍କର ଆଖି ଚମକୁଥିବା ସତ୍ତ୍ୱେ ବି ସେମାନେ ପବିତ୍ର କୁରଆନର ଲେଖାକୁ ଦେଖିପାରୁନାହାନ୍ତି ,ଏହାର ଅର୍ଥ ହେଉଛି ଯେ ସେମାନେ ସତ୍ୟଠାରୁ ସମ୍ପୂର୍ଣ୍ଣରୂପେ ଦୂରେଇଯାଇଛନ୍ତି । ଏହି ପରି ଅଜବ ଅଜବ ଘଟଣାମାନ କିଛି ଲୋକଙ୍କୁ ଅହେମଦୀୟତ୍ ଗ୍ରହଣ କରିବାର ପ୍ରକାଶ ହୋଇଥାଏ ଯେ ଅଲ୍ଲାଃତାଲା ଙ୍କ ବିଶେଷ ସାହାଯ୍ୟ ଓ ସମର୍ଥନ ଲୋକମାନଙ୍କୁ ଏପରି ଦୃଶ୍ୟ ଦେଖାଇଥାଏ ।

ସାଉଥ୍ ଆମେରିକାର ଦେଶ ହେଉଛି ଗୋଟେମାଲା । ସେଠାରେ ଆମର ଯେଉଁ ମସଜିଦ୍ ଅଛି ,ସେଠାରୁ ଅଢ଼େଇ ଶହ କିଲୋମିଟର୍ ଦୂରତାରେ ଅବସ୍ଥିତ ମେକ୍ସିକୋ ଦେଶର ବର୍ଡ଼ର ରେ ଗୋଟିଏ ସ୍ଥାନର ନାମ ହେଉଛି ସାନ୍ ମାର୍କୋସ୍ ,ସେଠିକାର ଜଣେ ମହିଳା ଭେରୋନିକା ସାହିବା କୁହନ୍ତି ଯେ ମୁଁ ଦଶ ବର୍ଷ ପୂର୍ବେ ସ୍ୱପ୍ନରେ ଦେଖିଥିଲି ଯେ ମୋ ସ୍ୱପ୍ନରେ ଜଣେ ବ୍ୟକ୍ତି ଆସିଲେ, ଏବଂ କହିଲେ ଯେ ଇସଲାମର ରାସ୍ତା ହେଉଛି ସତ୍ୟ

ପବିତ୍ର କୁରଆନ ପଢ଼ିବାକୁ କହିଲେ । କିନ୍ତୁ ସେ ଏହା ବି କହିଲେ ଯେ ମୁଁ ତ ପବିତ୍ର

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.7 Thursday 18 Aug 2022-08 Sep2022 Issue No. 33-36

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.12/-) (**WEIGHT** - 20-50gms/issue)

କୁରଆନ୍ ପଢ଼ିବା ଜାଣିନାହିଁ । କିନ୍ତୁ ସେହି ଲୋକଜଣକ କହିଲେ ଯେ ତୁମେ ପଢ଼ିପାରିବ । ସକାଳେ ଉଠି ସେ ଏହି ସ୍ୱପ୍ନ ବିଷୟରେ ନିଜ ପରିବାରବର୍ଗର ଲୋକମାନଙ୍କୁ ଶୁଣାଇଲେ । ସେମାନେ କହିଲେ ଯେ ଇସଲାମ୍ ରେ କିଛି ସତ୍ୟତା ନାହିଁ କାରଣ ଏହା ତ ସନ୍ତ୍ରାସବାଦର ଧର୍ମ । ସେହି ଲୋକମାନେ ଖ୍ରୀଷ୍ଟିଆନ୍ ଥିଲେ । କିନ୍ତୁ ସେହି ମହିଳା ଜଣକ କୁହନ୍ତି ଯେ ମୋ ହୃଦୁକୁ ଶାନ୍ତି ମିଳିଲା ନାହିଁ । ସୁତରାଂ ମୁଁ ଇଂଟରନେଟରେ ଇସଲାମ୍ ସମ୍ବନ୍ଧରେ ଗବେଷଣା ଆରମ୍ଭ କରିଦେଲି । ମୁଁ ନିଜେ ଇଂଟରନେଟରେ ଇସଲାମ୍ ସମ୍ବନ୍ଧରେ ଶିଖିବାକୁ ଲାଗିଲି । ଦିନେ ମୁଁ ବଜାରରେ ଯାଉଥିଲି ଯେ ଜଣେ ମହିଳାଙ୍କୁ ପର୍ଦା ଧାରଣ କରି ଯାଉଥିବାର ଦେଖିବାକୁ ପାଇଲି । ତାଙ୍କୁ ଏପରି ପର୍ଦା ପିନ୍ଧିଥିବାର ଦେଖି ମୁଁ ତାଙ୍କୁ ପଚାରିଲି ଯେ ଆପଣ ଏପରି ପର୍ଦା କାହିଁକି କରିଛନ୍ତି ? ସେ କହିଲେ ମୁଁ ହେଉଛୁ ମୁସଲମାନ୍ ମହିଳା ସେଥିଯୋଗୁଁ ମୁଁ ଏପରି ବସ୍ତ୍ର ପରିଧାନ କରିଛି । ଅତଃ ତାଙ୍କ ସହିତ ମୋର ପରିଚୟ ହୋଇଗଲା । ସେ ମତେ ଇସଲାମ୍ ସମ୍ବନ୍ଧରେ ବିସ୍ତାର ଭାବରେ ବତାଇଲେ । ସେହି ମହିଳା ଜଣକ ଅହେମଦୀ ଥିଲେ । ମୁଁ ତାଙ୍କର ଏପରି ସମସ୍ତ ଇସଲାମୀୟ କଥା ଶୁଣି ବୟତ କରିନେଲି । କିନ୍ତୁ ଏଥିରେ ଆମ ଘର ଲୋକମାନେ ରାଜି ହେଉନଥିଲେ । କିଛି ନା କିଛି ଆପତି ଅଭିଯୋଗ କରୁଥିଲେ । ସେ କୁହନ୍ତି ଯେ ମୁଁ ସେମାନଙ୍କ ଉତର ଦେଇପାରୁନଥିଲି । ପୁଣି ସେ ସେହି ଅହେମଦୀ ମହିଳାଙ୍କୁ ଯାଇ କହିଲେ ଯେ ଆପଣ ଆସନ୍ତୁ ମୁଁ ମୋ ଘରର ଲୋକମାନଙ୍କୁ ନିଜ ଘରକୁ ଡ଼ାକବି ଏବଂ ମୋ ନିକଟ ସମ୍ପର୍କୀୟମାନଙ୍କୁ ଏକାଠି କରିବି , ଆପଣ ସେମାନଙ୍କୁ ବୁଝାଇବେ । ଏହିପରି ଆମର ଅନେକ ତବଲିଗ୍ ବୈଠକ ଅନୁଷ୍ଠିତ ହେଲା । ସେମାନେ କେବଳ ବୟତ ହିଁ କଲେନାହିଁ ବରଂ ସେମାନେ ଏହି ବାର୍ତାକୁ ଆଗକୁ ପହଂଚାଇଲେ । ସେମାନେ ନିଜ ସାଙ୍ଗସାଥିମାନଙ୍କୁ ଏକାଠି କଲେ । ସେମାନଙ୍କ ନିମନ୍ତେ ରିଫେର୍ସମେଂଟର ବ୍ୟବସ୍ଥା ବି କଲେ । ତାଙ୍କର ଜଣେ ପୁଅ ଅଛନ୍ତି ଯିଏ ଓକିଲାତି ଶିକ୍ଷା ହାସଲ କରୁଛନ୍ତି । ସେ ୟୁନିଭରସିଟିର ଶେଷ ଶ୍ରେଣୀରେ ପାଠ ପଢୁଛନ୍ତି । ସେ ବି ବୟତ କରିଛନ୍ତି । ପୁଣି ତାଙ୍କୁ ଏତେମାତ୍ରାରେ ଆଗ୍ରହ ସୃଷ୍ଟି ହେଲା ଯେ ସେ ଇଂଟରନେଟ୍ ଜରିଆରେ ନାଜିରା କୁରଆନ୍ ପଢ଼ିବା ଆରମ୍ଭ କରିଦେଲେ । ବହୁତ ଗୁଡ଼ିଏ ସୁରଃ ମୁଖସ୍ତ କରିଦେଲେ । ସେ ଆରବି ଭାଷା ତ ଲେଖିବା ଜାଣି ନଥିଲେ ତେଣୁ ନିଜ ଭାଷାରେ ଅଡ଼ିଓ ଶୁଣି ଶୁଣି ରୋମାନ୍ ଭାଷାରେ ପବିତ୍ର କୁରଆନକୁ ସମ୍ପୂର୍ଣ୍ଣ ଲେଖିଦେଲେ । ଅମୀର୍ ସାହେବ କୁହନ୍ତି ଯେ ଯେବେ ମୁଁ ସେଠାକୁ ଗସ୍ତରେ ଗଲି, ତାଙ୍କର ନୋଟବୁକ୍ ଦେଖିଲି । ସାରା ପବିତ୍ର କୁରଆନକୁ ସେ ନିଜ ହାତରେ ଲେଖିଥିଲେ । ସେ ଏବେ ଆରବି ଭାଷା ବି ଶିଖୁଛନ୍ତି ଓ ଆରବିରେ ଲେଖୁଛନ୍ତି । ଏହିପରି ଅଲ୍ଲାଃତାଲା ନା କେବଳ ପୂଣ୍ୟାତ୍ମାମାନଙ୍କୁ ଜମାଅତ୍ ଆଡ଼କୁ ଟାଣୁଅଛି ବରଂ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ପରେ ତାହାଙ୍କ ସହିତ ଅଲ୍ଲାଃତାଲାଙ୍କର ଯେଉଁ ପ୍ରତିଶୃତିମାନ ଥିଲା , ତାହା ସେ ପୂରଣ କରିଚାଲିଛନ୍ତି ।

ଇଣ୍ଡୋନେସିଆ ଦେଶର ଦୁର୍ଗମ ଅଂଚଳରେ ଜଣେ ଯୁବକକୁ ତବଲିଗ୍ କରାଗଲା ସେ ବୟତ କରିନେଲେ । ସେହି ଜମାଅତର ସଦର୍ ସାହେବ ନୂର ସାହେବ୍ କୁହନ୍ତି ଯେ ମୁଁ ତାଙ୍କୁ ଏଠାରୁ ଫେରିଯିବା ସମୟରେ କିଛି ପୁସ୍ତକ ଦେଲି । ସେହିପରି ହଜରତ୍ ମସିହ ମଉଦ୍ ଆ ସଙ୍କ ଫଟୋ ଥିବା କିଛି ବ୍ରୋଶର୍ ବି ଦେଲି । ଯେବେ ସେହି ଯୁବକ ଜଣକ ଘରେ ପହଂଚିଲେ , ତାଙ୍କ ବାପା ସେହି ବ୍ରୋଶର୍‌ରେ ଥିବା ଫଟୋକୁ ଦେଖି କହିଲେ ଯେ ଏହି ଫଟୋଟି କାହାର ? ସେହି ଯୁବକ ଜଣକ କହିଲେ ଯେ ଏହା ହେଉଛି ଇମାମ ମେହେଦୀଙ୍କ ଫୋଟୋ । କାଲି ରାତିରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଥିଲି ଯେ ଇମାମ୍ ମେହେଦୀ ଆସି ସାରିଛନ୍ତି । ଯେହେତୁ ଜମାଅତ ଅହେମଦୀୟା ବିଷୟରେ ଆଗରୁ କିଛି ଜାଣିଥିଲି ତେଣୁ ମୁଁ ସଙ୍ଗେ ସଙ୍ଗେ ବୟତ କରିନେଲି । ଏହା ଶୁଣି ତାଙ୍କ ବାପା କହିଲେ ଯେ ତାହାହେଲେ ମୁଁ ବି ଏବେ ବୟତ କରିବାକୁ ଚାହୁଁଛି । ଦେଖନ୍ତୁ କେମିତି ଅଲ୍ଲାଃତାଲା ଲୋକମାନଙ୍କୁ ଏଥିରେ ସାମିଲ୍ କରୁଛନ୍ତି ।

ବୁର୍କିନାଫାସେର ମୁଅଲ୍ଲିମ୍ ଜୈଲା କରିମ୍ ସାହେବ୍ କୁହନ୍ତି ଯେ ଆମ ଇଲାକାରେ ଜଣେ ରହୁଛନ୍ତି ତାଙ୍କ ନାମ ହେଉଛି ହମିଦ୍ ସାହେବ୍ । ସେ ନିୟମିତ ରେଡ଼ିଓ ଶୁଣନ୍ତି । ସେ ଆମ ଜମାଆତ୍ ସହିତ ସହାନୁଭୂତି ବି ରଖିଛନ୍ତି । ବେଳେ ବେଳେ ଚାନ୍ଦା ଆସିକି ଦିଅନ୍ତି । ବରଂ ବେଳେ ବେଳେ ନିୟମିତ ବି ଚାନ୍ଦା ଦେଇଥାନ୍ତି । କିନ୍ତୁ ଯେବେ ବୟତ କରିବାକୁ କୁହାଯାଉଥିଲା ସେତେବେଳେ ସେ କୌଣସି ପ୍ରକାରେ ଏହାକୁ ଟାଳି ଦିଅନ୍ତି । ଚାନ୍ଦା ଆମ୍ ତ ଦେଉନଥିବେ କିନ୍ତୁ ତହରିକ୍ ଏ ଜଦିଦ୍ , ୱକଫେ ଏ ଯଦିଦ୍ ଚାନ୍ଦା ଦେଉଥିବେ ବା ଆଉ କୌଣସି ବିଭାଗରେ ଦେଉଥିବେ । ଉଦାହରଣ ସ୍ୱରୂପ ସଦକାତ୍ ରେ , ଦେଉଥିବେ । ସେ ଯାହା ବି ହେଉ ସେ ଚାନ୍ଦା ଦେଉଥିଲେ । ସେ ମାଲି କୁର୍ବାନୀ (ଆର୍ଥିକ ବଳିଦାନ)ରେ ଭାଗ ନିଅନ୍ତି । ଘାନାରେ ମୁଁ ବି ଦେଖିଛି । ଯେବେ ମୁଁ ସେଠାରେ ଥିଲି ତ ବହୁତ ଲୋକେ ଏପରି ଥିଲେ ଯେଉଁମାନେ ଜମିଦାରୀ କାମ କରୁଥିଲେ । ସେମାନେ ଆସି ଜକାତ୍ ପଇଠ କରୁଥିଲେ । କହୁଥିଲେ ଆମ ମୌଲବୀମାନେ ଟଙ୍କା ଖାଇଦେଉଛନ୍ତି । ଜମାଅତ୍ ଅହେମଦୀୟା ଏହାର ସଦୁପୋଯୋଗ କରିବ । ସେ ଯାହା ବି ହେଉ ଏହି ପ୍ରକାରର ଲୋକେ ସେଠାରେ ଅଛନ୍ତି । ଦିନେ ସେ ସ୍ୱପ୍ନରେ ଦେଖିଲେ ଯେ ଇଜ୍‌ତିମା ହେଉଛି । ସେଥିରେ ଲୋକମାନେ ଗୋଟିଏ ଚାରିକାନ୍ଥ ଭିତରେ ଅଛନ୍ତି ଓ ଆଉ କିଛି ଲୋକେ ଚାରିକାନ୍ଥ ଭିତରେ ନାହାନ୍ତି ବାହାରେ ଅଛନ୍ତି । ସେ କୁହନ୍ତି ଯେ ମୁଁ ଦେଖିଲି ଯେ ସେହି ଚାରିକାନ୍ଥ ଭିତରେ ଅହେମଦୀମାନେ ଅଛନ୍ତି । ମୁଁ କହିଲି , ମୁଁ ବି ତାଙ୍କ ସାଥିରେ ଥିଲି । ମତେ ବି ତାଙ୍କ ସାଙ୍ଗରେ ରହିବାକୁ ଦିଆଯାଉ । ଗୋଟିଏ ଦୈବି ବାଣୀ ଶୁଭିଲା ଯେ ଏହି ଚାରିକାନ୍ଥ ଭିତରେ ସେହିମାନେ ପ୍ରବେଶ କରିବେ ଯେଉଁମାନେ ବୟତ କରିଥିବେ । ସେ ଯେହେତୁ ବୟତ କରିନଥିଲେ , ସେଇଥି ପାଇଁ ସେ ଭିତରକୁ ଯାଇପାରିବେ ନାହିଁ । ଅତଃ ସେହି ସ୍ୱପ୍ନ ପରେ ତାପର ଦିନ ସେ ଆସି ବୟତ କରିନେଲେ । ମାନବିକ ଚେଷ୍ଟା ତ ତାଙ୍କୁ ଆମ ଜମାଅତରେ ସାମିଲ୍ କରାଇପାରିଲା ନାହିଁ କିନ୍ତୁ ସେ ପୂଣ୍ୟ ସ୍ୱଭାବର ଥିଲେ । ତେଣୁ ଅଲ୍ଲାଃତାଲା ତାଙ୍କୁ ନଷ୍ଟ କଲେନାହିଁ । ଅଲ୍ଲାଃତାଲା ତାଙ୍କୁ ନଷ୍ଟକରିବାକୁ ଚାହୁଁନଥିଲେ । ତେଣୁ ଏହିପରି ସେ ତାଙ୍କର ମାର୍ଗଦର୍ଶନ କରାଇଲେ । ଯେଉଁ ଲୋକମାନେ ଏ ଆପତି ଅଭିଯୋଗ କରୁଛନ୍ତି ଯେ ଆମକୁ ତ ସ୍ୱପ୍ନ ଆସୁନାହିଁ । ସେହି ଲୋକମାନଙ୍କ ପାଇଁ ଏହା ହେଉଛି ଉତର ।

ପ୍ରଥମେ ପବିତ୍ର ହୁଅ , ମୁଣ୍ଡକୁ ଖାଲିକର ପୁଣି ଦୁଆ(ପ୍ରର୍ଥନା)କର , ତାପରେ ପୁଣି ଅଲ୍ଲାଃତାଲା ମାର୍ଗଦର୍ଶନ କରିବେ ।

ମାଲି ଦେଶର ଜଣେ ବନ୍ଧୁ ଶ୍ରୀମାନ୍ ଦୋସ୍ତ୍ ମୁହମ୍ମଦ୍ କୋନେ ସାହେବ୍ ଅଛନ୍ତି । ସେ ଜମାଅତ୍‌ର ରେଡ଼ିଓ ଶୁଣନ୍ତି । ଯେଉଁ ଲୋକମାନେ ଜମାଅତ ଖିଲାଫରେ କଥା ହୁଅନ୍ତି , ସେ ସେମାନଙ୍କ କଥା ବି ଶୁଣିଲେ । ତାପରେ ସେ ଦୁଆ କରିବା ଆରମ୍ଭ କରିଦେଲେ ଯେ ଅଲ୍ଲାଃତାଲା ତାଙ୍କୁ ସିଧା ଓ ସଳଖ ମାର୍ଗ ଦେଖାନ୍ତୁ । ସେ କୁହନ୍ତି ଯେ ତାପରେ ମୁଁ ସ୍ୱପ୍ନରେ ଜଣେ ଲୋକକୁ ଦେଖିଲି । ସେ କହୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଅହେମଦୀୟତ ଗ୍ରହଣ କରିବେ । ସେ ଏବେ ଆସନ୍ତୁ ବା ପରେ । ଏହା ତ ଏବେ ଅଲ୍ଲାଃତାଲାଙ୍କ ବିଧିର ବିଧାନ । ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସହିତ ଅଲ୍ଲାଃତାଲାଙ୍କର ପ୍ରତିଶୃତି ରହିଛି । ଯେମିତିକି ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ ଖିଲାଫତ୍ ଅହେମଦୀୟାରେ ଜାରି ହୋଇଥିବା ଐଶି ପୁରସ୍କାର ଜରିଆରେ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ମିଶନ ସମ୍ପୂର୍ଣ୍ଣ ହେବ । ସେ ଯାହା ବି ହେଉ ସେ ବୟତ କରିନେଲେ ।

ପୁଣି ଗିନିବସାଓ ଦେଶର ମୁବଲ୍ଲିଗ୍ ସାହେବ୍ ଲେଖିଛନ୍ତି ଯେ ଉସମାନ୍ ସାହେବ ନାମକ ଜଣେ ନୌମୁବାଇନ୍ (ନୂଆ ବୟତ କରିଥିବା ଅହେମଦୀ)ଏଠାରେ ଅଛନ୍ତି । ସେ ଜାଣିବାକୁ ପାଇଲେ ଯେ ତାଙ୍କର ସମ୍ପର୍କୀୟମାନେ ବହୁ ସଂଖ୍ୟାରେ ଅହେମଦୀୟତ୍ ଗ୍ରହଣ କରୁଛନ୍ତି । ତେଣୁ ସେ କେତେକ ମୌଲବୀମାନଙ୍କୁ ଏକାଠି କରି ସେହି ଇଲାକାକୁ ଡ଼ାକାଇ ଆଣିଲେ ଯେ ସେମାନେ ଜମାଅତର ବିରୋଧ କରନ୍ତୁ । ଆମ ମୁଅଲ୍ଲିମ୍ ସାହେବ୍ ତାଙ୍କୁ କହିଲେ ଯେ ଆପଣ ଜରୁର୍ ବିରୋଧ କରନ୍ତୁ ଆପଣଙ୍କୁ ମନା ନାହିଁ । କିନ୍ତୁ ଥରଟିଏ ଆମ ପୈଗାମ୍ (ବାର୍ତା)ତ ଶୁଣି ନିଅନ୍ତୁ । ଆମ କଥା ତ ଶୁଣନ୍ତୁ । ତା ପରେ ଯାହା ବିରୋଧ କରିବା କଥା ପ୍ରମାଣ ସହିତ କରିବେ । ମୌଲବୀମାନେ ତ ଏହି ପୈଗାମ୍ (ବାର୍ତା)କୁ ଶୁଣିବାକୁ ଅସ୍ୱୀକାର କରିଦେଲେ । କିନ୍ତୁ ଉସମାନ୍ ସାହେବ୍ ଏହି ନିମନ୍ତ୍ରଣକୁ ଗ୍ରହଣ କରିଲେ ଓ ଜମାଅତର ପୈଗାମ୍ (ବାର୍ତା)ଶୁଣିବାକୁ ଆସିଲେ । ତାଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଆଗମନ ସମ୍ବନ୍ଧରେ ବତାଗଲା । ଯେଉଁ ଦିନ୍ ସେ ଆସିଲେ , ସେହି ଦିନ ଜୁମା ଥିଲା । ସେଦିନ ସେଠାରେ ଏମ୍ ଟି ଏ ରେ ମୋ ଖୁତବା ଆସୁଥିଲା । ତାଙ୍କୁ କୁହାଗଲା ଯେ ଯଦି ଆପଣଙ୍କ ନିକଟରେ ସମୟ ଅଛି ତାହେଲେ କିଛି ସମୟ ଖୁତବା ଶୁଣନ୍ତୁ । ସେ କହିଲେ ଅଳ୍ପ ସମୟ ଅଛି ତେଣୁ ମୁଁ କିଛି ସମୟ ପାଇଁ ଖୁତବା ଶୁଣି ନେଉଛି । କିନ୍ତୁ ସେ ଯେବେ ଖୁତବା ଶୁଣିବା ଆରମ୍ଭ କଲେ , ସେ ଭୂଲିଗଲେ ଯେ କେତେ ସମୟ ହୋଇଗଲାଣି । ସୁତରାଂ ସେ ସମ୍ପୂର୍ଣ୍ଣ ଖୁତବା ଶୁଣିଲେ । ପରେ କହିଲେ ଯେ ମୁଁ ଏଠାରେ ଯାହା ଶୁଣିଲି ,ସେଥିରୁ ଜଣାପଡୁଛି ଯେ ଅହେମଦୀୟା ଜମାଅତ୍ କାଫିର୍ ହୋଇନପାରେ । କାରଣ ଆପଣଙ୍କ ଖଲିଫା ଆଁ ହଜରତ୍ ସ ଆ ସ ଙ୍କ ସାହାବିଙ୍କ ଜୀବନଚରିତ ଉପସ୍ଥାପନ କରୁଥିଲେ । କୌଣସି କାଫିର୍ ଜମାଅତ୍ ଏପରି କାମ କରିନପାରେ । ତାପରେ ସେ

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.....

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan